
କାଶତଣ୍ଡୀ
(ଦୁଇ)
ନାରାୟଣ ଦାସ

# କାଶତଣ୍ଡୀ

## ( ଦୁଇ )

ନାରାୟଣ ଦାସ

ପ୍ରକାଶକ

ଆମରି ସତ୍ୟ

# କାଶତଣ୍ଡୀ - ଦୁଇ

**ରଚନା :** ନାରାୟଣ ଦାସ
**ସର୍ବସ୍ୱତ୍ୱ ଅଧିକାରୀ :ନାରାୟଣ ଦାସ**
**ପ୍ରଥମ ସଂସ୍କରଣ : ୨୦୨୦**
**ପ୍ରକାଶକ :** ଆମରିସତ୍ୟ, ଏମ୍-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପି.ଏନ୍ କଲେଜ, ଜିଲ୍ଲା: ଖୋରଧା, ପିନ୍: ୭୫୨୦୫୭
**ମୁଦ୍ରଣ:** ପ୍ରତିଭା ପ୍ରଣ୍ଟର୍ସ, ୟୁନିଟ୍-୯, ଭୁବନେଶ୍ୱର
**ମଲାଟ ପରିକଳ୍ପନା ଓ ଅଳଂକରଣ :** ରାଜୀବ ଲୋଚନ ରଥ / ବିରଞ୍ଚି ନାରାୟଣ ଚହଟରାୟ
**ଲେଖକଙ୍କ ଠିକଣା :** ନବିନାବାଗ ପୋ / ଜି : ଖୋରଧା-୭୫୨୦୫୫
**ଦୂରଭାଷ:**୯୪୩୮୦୪୯୫୪୧

**Kashatandi - 2**
Written by: *Naryan Das*
C *: Narayan Das*
*1st Edition : 2020*
**Published by:**
AMARISATYA
M-1/5, M. P. Housing Board Colony .
PO: P.N.College, Dt: Khordha-752057 .Odisha
amarisatya@gmail.com/amarisatya@rediffmail.com
06755-220980

--------------------

Printed at:
PRATIVA PRINTERS
Unit -9, Bhubaneswar

-----------------

*Address of the Author - Nabinabag*
*Post/Dist : Khordha-752055*
*Mob. :9438049541*

**ISBN 978-93-85900-48-8**

ମୂଲ୍ୟ: ୧୩୧.୦୦ ଟଂକା / **Price: ₹ 131.00**

# ଉତ୍ସର୍ଗ

ମୋର

ସ୍ୱର୍ଗବାସୀ ମାତା

ଓ

ପିତାଙ୍କ

ପବିତ୍ର ପଦାରବିନ୍ଦରେ

**'କାଶତଣ୍ଡୀ'** କୁ

ଅର୍ପଣ କଲି ।

**ନାରାୟଣ**

# ମୁଖବନ୍ଧ



ପୁଷ୍ପ ଈଶ୍ୱରଙ୍କର ଏପରି ଗୋଟିଏ ସୃଷ୍ଟି ବିଶ୍ୱରେ ଏପରି ଜଣେ କେହି ନାହିଁ ଯେ କି ତାକୁ ଆଦର ନକରେ ଓ ଭଲ ନପାଏ। ଫୁଲର ଚାହିଦା ଆମେ ପ୍ରତ୍ୟେକ କ୍ଷେତ୍ରରେ ଦେଖିବାକୁ ପାଉ। ଶୁଭକାର୍ଯ୍ୟଠାରୁ ଆରମ୍ଭ କରି ଦେବାଦେବୀ ପୀଠରେ ଏହାର ଆବଶ୍ୟକତା ବିଶେଷ ଭାବରେ ଦେଖିବାକୁ ମିଳେ। ସୃଷ୍ଟିରେ ପୁଷ୍ପ ସୌନ୍ଦର୍ଯ୍ୟ ବସ୍ତୁମାନଙ୍କ ମଧ୍ୟରେ ଅନ୍ୟତମ ପଦାର୍ଥ ବୋଲି ଲେଖକ, କବି, ଭାବୁକ ଓ ଦାର୍ଶନିକମାନେ ସେମାନଙ୍କର ନିଖୁଣ ମତାମତ ଲେଖା ମାଧ୍ୟମରେ ପରିପ୍ରକାଶ କରିଥିବାର ଦେଖିବାକୁ ମିଳେ। ଏହା ପରମେଶ୍ୱରଙ୍କ ଏପରି ଗୋଟିଏ ସୃଷ୍ଟି ସମସ୍ତ ପ୍ରାଣୀଜଗତ ଓ କୀଟପତଙ୍ଗଠାରୁ ଆରମ୍ଭକରି ଦେବାଦେବୀ ପର୍ଯ୍ୟନ୍ତ ଏହାର ସୌନ୍ଦର୍ଯ୍ୟରେ ବିମୁଗ୍ଧ।

ମଣିଷ ବାଡ଼ିବଗିଚାରେ ବିଭିନ୍ନ ପ୍ରକାର ଫୁଲ ଲଗାଇ ବଗିଚାକୁ ସରସ ସୁନ୍ଦର କରିବାକୁ ଚାହେଁ ଓ ନିଜ ବାସସ୍ଥାନର ଚତୁଃପାର୍ଶ୍ୱରେ ଏହାକୁ ରୋପଣକରି ମନ ମୁଗ୍ଧକର ପରିବେଶ ସୃଷ୍ଟିକରିବାକୁ ଭଲପାଏ। ନିଜ ସନ୍ତାନପରି ତାହାର ଯତ୍ନ ନେବାକୁ ଭୁଲେନାହିଁ।

କିନ୍ତୁ ଏ ଜଗତ ମଧ୍ୟରେ ଏପରି ଗୋଟିଏ ପୁଷ୍ପ ଅଛି ଯାହାକୁ କେହି ବାଡ଼ି ବଗିଚାରେ ରୋପଣ କରିବାର ନଜରକୁ ଆସିନାହିଁ। ପ୍ରକୃତି ତାହାପାଇଁ ଦେଇଛି ସୁବିସ୍ତିର୍ଣ୍ଣ ଭୂମି ଓ ପ୍ରାନ୍ତର। ଏହି ଭୂଖଣ୍ଡରେ ସେ ତାହାର ବଂଶବିସ୍ତାର କରି ସୃଷ୍ଟି ଆରମ୍ଭରୁ ନିଜର ସୌନ୍ଦର୍ଯ୍ୟକୁ ଅନ୍ୟର ଉପଭୋଗ ସାମଗ୍ରୀଭାବେ ଦାନ କରିଥାଏ। ଧରଣୀମାତାର ବକ୍ଷ ଦେଶରେ ଶୋଭାର ପସରାମେଲି ସମସ୍ତଙ୍କ ମନକୁ ଆକର୍ଷଣ କରିଥାଏ। ପ୍ରାକୃତିକ ବିପର୍ଯ୍ୟୟ ତାର ଶୋଭାବର୍ଦ୍ଧନର କାଳହୁଏ। ସେଥିପାଇଁ ମନରେ ବିଷାଦର ଛାୟା ଖେଳିଯାଏ। ବଂଶଧାରା ନଦୀପଠାରେ ମାଇଲି ମାଇଲି ବ୍ୟାପୀ ଶୋଭାଧାରଣ କରୁଥିବା ଏହି ଫୁଲଟିକୁ କିଏବା ଆଦର ନକରିବ? ପ୍ରକୃତି ଦତ୍ତ ନଦୀପଠା, ନାଳ, ବିଲ , ଡଙ୍ଗର, ଝରଣା ଓ ସନ୍ତସନ୍ତିଆ ସ୍ଥାନମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଏହି ଫୁଲଟିକୁ ଦେଖିବାକୁ ମିଳେ। ମନଭରି ଭଲପାଉଥିବା ଓ ତାକୁ

ଦେଖି ଆତ୍ମସନ୍ତୋଷ ଉପଲବ୍ଧି କରୁଥିବା ବ୍ୟକ୍ତି ନିଜେ କବି । କାଶତଣ୍ଡୀ ତାହାର ଜ୍ୱଳନ୍ତ ପ୍ରତୀକର ନିଦର୍ଶନ ଓ ଉଦାହରଣ । ଏହି ଫୁଲଟିକୁ ଦେଖି ଏକଶତ କବିତା ଲେଖିବାର ଯେଉଁ ସ୍ୱପ୍ନ ଦେଖିଥିଲି ତାହା ଏବେ ସାକାର ହେବାକୁ ଯାଉଛି ତିନିଖଣ୍ଡ କାଶତଣ୍ଡୀ ଖଣ୍ଡକାବ୍ୟ ଗ୍ରନ୍ଥରେ । ଏଥିରେ ସ୍ଥାନିତ ଅନେକ କବିତା ବହୁ ପତ୍ରପତ୍ରିକାରେ ପ୍ରକାଶ ପାଇଥିବାରୁ ସମସ୍ତ ପତ୍ରିକାର ସମ୍ପାଦକମାନଙ୍କୁ ମୋର ସାଦର ସାଧୁବାଦ ଓ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି । ପାଠକ ପାଠିକାମାନଙ୍କ ଅନାବିଳ ମମତା ମୋର ଶ୍ରମକୁ ସାର୍ଥକ କରିଥିବାରୁ ଶତଶତ କୃତଜ୍ଞତା ଜଣାଉଛି ।

ତା - ୨୦.୫.୨୦୧୯
ଖୋର୍ଦ୍ଧା

**ନାରାୟଣ ଦାସ**
**ଲେଖକ**

❖❖❖



# କାଶତଣ୍ଡୀ ପାଇଁ ପଦେ

"ସାଗରରେ ଯେତେ ଢ଼େଉରେ
କୁମ୍ଭର କିଏ ସେ ପାରିବ ଗଣି ।"

ଡ. ଫନୀ ମହାନ୍ତି

ଆମ ସାହିତ୍ୟର ବିଭିନ୍ନ ବିଭବ ମଧ୍ୟରେ ଆମ କାବ୍ୟ କବିତା ସବୁଠାରୁ ଉତ୍କୃଷ୍ଟ ଓ ଉନ୍ନତ ବିଭବ । ପ୍ରାଚୀନ କାଳରୁ ଏଯାବତ୍ ଆମ କବିତା ବିଭିନ୍ନ ରୂପ,ରସ, ଛଂଦ ଓ ଶୈଳୀରେ ପରିମାର୍ଜିତ ଓ ଅନୁଗଣିତ ହୋଇ ଭିନ୍ନ ଭିନ୍ନ କାଳଖଂଡ଼ର ପାଠକଙ୍କୁ ମନ୍ତ୍ରମୁଗ୍ଧ କରିଆସୁଛି । ପ୍ରତିଟି କାଳଖଂଡ଼ର ନିଖୁଣ ଚିତ୍ର ଆଂକିବାରେ ଆମ କବିମାନେ ଯେପରି ସିଦ୍ଧହସ୍ତ ସେହିପରି ପାଠନାତ । ଏପରି ଗୋଟିଏ ଜୀବନ ନାହିଁ ଯେଉଁ ଜୀବନର ପରିଧିକୁ କବିତାର ଅନୁପ୍ରବେଶ ନାହିଁ । କବିତା ଶୂନ୍ୟ ଜୀବନ, ଜୀବନର ଯଥାର୍ଥ ପରିଭାଷା ନୁହେଁ । ଜଣେ ପ୍ରସିଦ୍ଧି ଆମେରିକୀୟ କବି ଯଥାର୍ଥରେ କହିଛନ୍ତି, "I eat poety , I live poetry and I breath poetry"

ସାଂସାରିକ ଦୁଃଖ, ଯଂତ୍ରଣା, ବିରହ ବିଷାଦବୋଧରୁ ହିଁ ସୃଜନ ସଂଭାରର ଅୟମାରଂଭ ପର୍ବ । କବିର ନିପାରିଲା ପଣ ଓ ଅପାରଗତା ଜନିତ ଦୁଃଖଦ ଅନୁଭୂତି ରୂପରେଖ ନିଏ ଛଳ ଛଳ କୋମଳ ମଧୁର ଶବ୍ଦ ପୁଞ୍ଜରେ କବିତାର ଭାଷାରେ । ପ୍ରାପ୍ତି ଓ ଅପ୍ରାପ୍ତିରେ ମଧ୍ୟ ବିଂଦୁରେ ଟଳମଟଳ ଅସହାୟ କାବ୍ୟପୁରୁଷ । କବି ସ୍ୱୟଂ ନିରଂଶୁ ଅଂଧାର ରାତିରେ ମିଂଜିମିଂଜି ଜଳୁଥିବା ଏକ ନିଷ୍ପ୍ରଭ ଦୀପ ଶିକ୍ଷା ଉପରେ ଡହଡ଼ହ ଯଂତ୍ରଣାର ନୀଳ ହଳାହଳ, ସୁକୁମାରୀ, ସୁନୟନା, ଚଂଦ୍ରମଲ୍ଲିକା କି, ଚଂଦ୍ରାବଳୀ କି, ଛିଦ୍ରମୁଖା ପାଇଁ ଅବା ଗଂଧହୀନ କାଶତଂଡ଼ୀ ପାଇଁ । ଏମିତି କିଛି ବସ୍ତୁକୁ ଆଧାର କରି କବିତାର ଆଦ୍ୟ ସ୍ଫୁରଣ, ଯାହା ରୂପାନ୍ତରିତ ହୁଏ ଦହନର ଦୋହାରେ । ଏହାହିଁ ଦୁଃଖ ଓ ବିଷାଦର ଅନୁପମ ଦଲିଲ । କଳ୍ପନାର କଳ୍ପଲୋକର ଅଧିବାସୀ ଛୋଟବଡ଼ ସବୁ କାବ୍ୟାତ୍ମା । କିଂତୁ ସବୁ କବିତା ଲେଖୁଥିବା କବି ଶିଖରଙ୍କୁ ଯାଇପାରନ୍ତି ନାହିଁ । କ୍ୱଚିତ୍ ଭାଗ୍ୟବାନ କବି କାଳଜୟୀ ହୁଅନ୍ତି ।

କବିତା ଲେଖିଲାବେଳେ କବି ଦୁଇଥର ମୃତ୍ୟୁଦଣ୍ଡ ଭୋଗେ। ଧରା ଓ ଧରଣୀରେ ଆମ ଘରିପାଖେ ଛୋଟବଡ଼ ଅନେକ ଘଟଣା ଘଟେ। ଘଟୁଥିବା ଘଟଣାକୁ ଦେଖିଲାବେଳେ କବି ଥରେ ମୃତ୍ୟୁ ଯଂତ୍ରଣା ଭୋଗେ ଏବଂ ସେହି ଘଟଣାକୁ ନେଇ କବିତା ଲେଖିବସିଲାବେଳେ ଦ୍ୱିତୀୟଥର ପାଇଁ ସମଦଶା ଭୋଗେ। ଘଟୁଥିବା ଘଟଣା ଭିତରେ କୋଉ ଘଟଣାକୁ ନେଇ କବି କବିତା ଲେଖିବ ତାହା କବି ଉପରେ ନିର୍ଭର କରେ। ପ୍ରେମ, ଈଶ୍ୱର, ପ୍ରକୃତି ବା ସୁସାମାଜିକ ପୃଷ୍ଠଭୂମି ଉପରେ କବି ମୁଖ୍ୟତଃ କବିତା ଲେଖେ। ପ୍ରାଚୀନ କବିମାନେ ପ୍ରକୃତି ଓ ଅପ୍ରାକୃତ ପ୍ରେମଲୀଳାକୁ ସାଧାରଣତଃ କବିତାର ବିଷୟବସ୍ତୁଭାବେ ନିର୍ବାଚନ କରିଥାଆନ୍ତି। ଏହି ଦୁଇଟି ବିଷୟର ଦୃଶ୍ୟପଟ୍ଟ କବିଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥାଂତି। ସୁନାରେ ଖାଦ ନମିଶିଲେ ଯେମିତି ଗହଣା ଗଢ଼ା ହୋଇପାରେ ନାହିଁ ଠିକ୍ ସେମିତି ସମୟ, ଶବ୍ଦ, ରୂପକଳ୍ପ ଓ ବସ୍ତୁରେ ଏକାତ୍ମୀକରଣ ନହେଲେ ଭଲ କବିତାଟିଏ ଲେଖାଯାଇ ପାରେନି।

କାଶତଂଡ଼ୀର କବି ମୁଖ୍ୟତଃ ପ୍ରକୃତିର ଉପାସକ। ପ୍ରକୃତିର ଅପାର ସୌନ୍ଦର୍ଯ୍ୟବୋଧରେ କବି ବିହ୍ୱଳ ଓ ବିମୁଗ୍ଧ। କାଶତଂଡ଼ୀ ଏକ ଗନ୍ଧହୀନ ଶ୍ୱେତଶଂଖ ବର୍ଣ୍ଣର। ଅନାବନା ଜଂଗଲୀ ଫୁଲ କାହାର ବାଡ଼ି ବଗିଚାରେ ରଂଗବେରଂଗର ଫୁଲର ସଂଭାର ଭିତରେ ଏହାର ସ୍ଥାନ ପାଏନାହିଁ। ପଠା, ଗୋହିରୀ, ହିଡ଼, ଡଂଗର, ନାଳ ନର୍ଦ୍ଦମାର କୂଳେ ଏହି ଫୁଲ ପରିତ୍ୟେଜ ଅବସ୍ଥାରେ ଶୋଭା ପାଉଥାଏ। ପ୍ରକୃତିପ୍ରେମୀ କବି ନାରାୟଣ ଦାସ କିଂତୁ ଏହି ଫୁଲର ପ୍ରେମରେ ଅଂଧ। ଏହା କେତେବେଳେ ତାଙ୍କ ଆତ୍ମାର ମୃଦୁମଂଦ କୋମଳ ସ୍ୱରତ କେତେବେଳେ ତାଙ୍କର କାବ୍ୟ-ନାୟିକା କି, ପ୍ରତିପକ୍ଷ, ଦୁହିଁଙ୍କ ଭିତରେ ଏକାତ୍ମଭାବ, ନିରବ ସଂଳାପ, ପ୍ରଗଳଭ ପ୍ରାୟ କଥୋପକଥନ। ଶ୍ରୀ ଦାସଙ୍କ ଚର୍ଚ୍ଚିତ କବିତା କାଶତଂଡ଼ୀ ଏକ ବର୍ଣ୍ଣାଢ଼୍ୟ ଦୀର୍ଘ କବିତା। ଦୀର୍ଘ କବିତା ମୁଖ୍ୟତଃ ଆମ ସାହିତ୍ୟରେ ମିଥ୍ ଉପରେ ପର୍ଯ୍ୟବେସିତ। ଯେକୌଣସି ପୌରାଣିକ ଚରିତ୍ରକୁ ଆଧାର କରି ଆମ ପ୍ରାଚୀନ ଓ ଆଧୁନିକ କବିମାନେ ବହୁ କବିତା ରଚନା କରିଛନ୍ତି। କିଂତୁ କାଶତଂଡ଼ୀ ମିଥ୍‌ର ନିଗଢ଼ ବନ୍ଧନ ଭିତରୁ ମୁକ୍ତ। ଏହା ମିଳନ ବିରହ। ଆଧ୍ୟାତ୍ମ୍ୟ ପ୍ରକୃତି ପ୍ରେମର ମୋଟାମୋଟି ଭାବେ ଏକ ସାମଗ୍ରିକ ସମନ୍ୱୟ। କାଶତଂଡ଼ୀର ଅପରୂପ ରୂପ-ଲାବଣ୍ୟ ମୁଗ୍ଧ ବିଭୋର କବି ଶ୍ରୀ ଦାସଙ୍କ ମାନସପଟ୍ଟରେ ଆଂକି ଉଠିଛି

ଇନ୍ଦ୍ରଧନୁର ରଂଗ ବିଭବ। ଏହି ଅନନ୍ୟ ଉତ୍ସବରେ ମଦମତ୍ତ କବି ସ୍ମୃତି ଜର୍ଜର ମୂହୁର୍ତ୍ତରେ ନିଖୁଣ ଚିତ୍ର ଏହି ଦୀର୍ଘ କବିତାର ସରଳ ସାବଳୀଳ ଓ ବୋଧଗମ୍ୟ ଭାଷାରେ ରୂପାୟିତ ହୋଇ ଚିତାପିତ ହୋଇଛି କବିଂକ ରଚନା ଯାହା ସଜୀବ ହୋଇ ରହିବ କାଳକାଂଳାନ୍ତର ପାଇଁ। ଯେତେ ଦେଖିଲେବି ନ ଦେଖିଲାପରି ଅଦେଖା ଅବୁଝା ହୋଇ ରହିଯାଏ। କବିଙ୍କର ଇପସିତ କାବ୍ୟ ନାୟିକା  ମର୍ମସ୍ପର୍ଶୀ ଭାଷାରେ ତାଙ୍କ ରଚନାରୁ ଝରି ପଡ଼େ କିଛି ଶବ୍ଦ ପୁଞ୍ଜ।

‘ଫୁଲ ଆସିଥିଲା ଫୁଲ ସବାରିରେ
ଫୁଲର ପସରା ନେଇ
ସେଇ ଫୁଲଟିକୁ ଦେଖି ହେଲା ନାହିଁ
କେଉଁଠି ଯାଇଛି ରହି।’

ମୁଁ ଶ୍ରୀ ଦାସଙ୍କର ଦୀର୍ଘ ନିରାମୟ ସର୍ଜନାତ୍ମକ ଜୀବନ କାମନା କରୁଛି ଏହି ଅବସରରେ।

ଡ. ପଦ୍ମା ମହାନ୍ତି

**ପୁଷ୍ପ ଧନୁ, ବମିଖାଲ, ଭୁବନେଶ୍ୱର,**
**ଦୂରଭାଷ -୯୯୩୭୯୬୧୮୭୮**

# କାଶତଣ୍ଡୀ ଅଭିଷେକ



କବିତା ସଂପର୍କରେ ହୃଦୟକୁ ସ୍ପର୍ଶକଲାଭଳି କେତୋଟି ବାକ୍ୟ କୁହାଯାଇଛି "Poetry produces an illussion on the eye or the mind as magic lantern, produces an illusion in the eys of the body and in the magic lantern, acts in a dark room,poetry affects its purpose most completely in a dark age. "ଯାଦୁକର କିଛିକାଳ ପାଇଁ ତାର ଯାଦୁ ଦେଖାଏ। ଦର୍ଶକଙ୍କୁ ବିମୋହିତ କରେ। ହେଲେ ଖେଳ ସରିଗଲେ ସରିଯାଏ ମାୟା। ଦର୍ଶକ ଯାହାକୁ ଭାବୁଥିଲା ସତ୍ୟ ବୋଲି ସେ କେବଳ ମାୟା ଥିଲା। ହେଲେ କବିତାର ଯାଦୁଖେଳ ସବୁବେଳେ ନୂଆ ନୂଆ ପ୍ରଚୁର ବିସ୍ମୟ ଭରି ରହିଥାଏ ସେଥିରେ। ଥରେ କବିତାର ଆଲୋକ ବିଚ୍ଛୁରିତ ହେଲେ , ଅଂଧାର ହଟିଯାଏ। ପାଠକର ହୃଦୟରେ ଭରିଯାଏ ନୂଆ ନୂଆ ପ୍ରେରଣା। କବିତାର ପ୍ରତ୍ୟେକ ଶବ୍ଦ ତାର ହୃଦୟରେ ନୂଆ ନୂଆ ଭାବ ସୃଷ୍ଟି କରୁଥାଏ। ତାକୁ ମତାଉଥାଏ, ତତାଉଥାଏ। ଚେତନାର ଉତ୍ତରଣ ଘଟୁଥାଏ କ୍ରମଶଃ। ଗୋଟାଏ ତଲ୍ଲୀନ ଭାବାବେଶରେ ସେ ହଜୁଥାଏ। ପୁଣି ନିଜକୁ ଖୋଜୁଥାଏ ସେ କବିତାରେ। ସେ ଗୋଡ଼ିରି ଗିରି ପାଲଟୁଥାଏ। ଭୂମିରୁ ଭୂମା ପାଲଟି ଯାଉଥାଏ। ଏହି ଭୂମିରୁ ଭୂମା, ଗୋଡ଼ିରୁ ଗିରି, ବିନ୍ଦୁରୁ ସିନ୍ଧୁ ପାଲଟିଯିବା ପାଇଁ ଘୋଟିଏ ଛଳ ଛଳ ମନ ଲୋଡ଼ା। କୋମଳ ହୃଦୟଟିଏ ଦରକାର। ନହେଲେ କବିତା ତା ପାଇଁ ସଦାବେଳେ ଦୁର୍ବୋଧ୍ୟ, ରସହୀନ, ପ୍ରାଣହୀନ, ଶୁଷ୍କକାଠ ଖଣ୍ଡିଏ ମାତ୍ର।

ପୃଥିବୀର ପ୍ରଥମ କବିତାରେ ଅଭିଷେକ ହେଉଛି ପ୍ରକୃତିର ଦୟାରୁ। ଗିରିଗୁହାର ଆଦିମ ମଣିଷ ଯେତେବେଳେ ଯାଯାବର ପରି କ୍ଷୁଧା ନିବାରଣ ପାଇଁ ଜୀବନ୍ତ ପଶୁମାନଙ୍କୁ ପଥରଫିଙ୍ଗି ହତ୍ୟା କରୁଥିଲା, ଏକ ପୈଶାଚିକ ଆନନ୍ଦ ପାଉଥିଲା, ନିଜ ସହକର୍ମୀଙ୍କ ସଂଗେ ଖାଦ୍ୟ ପାଇଁ କଳି କରୁଥିଲା। ସେତେବେଳେ ତାର ସ୍ୱଭାବ ପଶୁସ୍ୱଭାବ ହିଁ ଥିଲା। ମାତ୍ର ଏ ଅବସ୍ଥା ବଦଳିଲା। ଅନନ୍ତ ଆକାଶର ଜ୍ୟୋସ୍ନା ଚର୍ଚ୍ଚିତ ରଜନୀକୁ ଦେଖି, ଚନ୍ଦ୍ରର ଶୀତଳତାକୁ ଅନୁଭବ କରି, ମେଘରେ ବିଦ୍ୟୁତ୍ ଝଲକ ଦେଖି ଓ ବଜ୍ରର ଭୟଙ୍କର ଶବ୍ଦ ଶୁଣି, ବର୍ଷା, ଶୀତ, ଗ୍ରୀଷ୍ମ, ବସନ୍ତର ନୂଆ ନୂଆ ଅନୁଭୂତିକୁ ସାଉଁଟି ସାଉଁଟି ତା ମନରେ ସୃଷ୍ଟି ହେଲା ନୂଆ ନୂଆ ଭାବ। ସେ ଭାବ ପ୍ରକାଶ କରିବାକୁ ଚେଷ୍ଟା

କଲା। ସେ ଭାବରୁ ଶବ୍ଦ, ଶବ୍ଦରୁ ବାକ୍ୟ, ବାକ୍ୟରୁ କବିତା। ତା'ପରେ କବିତା ହେଇଗଲା ଜୀବନ ସହିତ ନିବିଡ଼। ସମାଜ ସହିତ ନିବିଡ଼ ତେଣୁ କୁହାଯାଇଛି "Poetry is made out of life,belongs to life,exists for life " ଏହି ଜୀବନ ସହିତ ନିବିଡ଼ ହେଉ ହେଉ କବିତା ମଣିଷର ସୁଖ ଦୁଃଖ, ହସ କାନ୍ଦ, ବ୍ୟଥା ବେଦନା, ପ୍ରେମ ପ୍ରଣୟ। ଆଶା ବିଶ୍ୱାସର ଅନୁଭୂତିକୁ ସାଉଁଟିଲା। ପରଶିଦେଲା ଆଉ ଜଣେ ସହୃଦୟ ମଣିଷ ଆଗରେ। କୋମଳ ସରଳ ତରଳ ଶବ୍ଦହିଁ ଲୋଡ଼ାହେଲା ଅନ୍ୟର ମନରେ ଜାଗାଟିଏ ସ୍ଥାପନା କରିବାପାଇଁ। ତେଣୁ ହୃଦୟର ଭାବରାଜିର ସ୍ୱତଃସ୍ଫୁର୍ତ୍ତ ପରିପ୍ରକାଶ ହିଁ ପାଲଟିଗଲା କବିତା।

William Wordsworth କହନ୍ତି "Poetry is the spontaneous overflow of powerful feelings, it takes its origin from emotions recollected in tranquility "

ଏହି ପରିପ୍ରେକ୍ଷୀରେ କବି ନାରାୟଣ ଦାସଙ୍କ କାଶତଣ୍ଡୀ କବିତା ଗୁଚ୍ଛର ଆଲୋଚନା କରାଯାଇପାରେ। ପ୍ରଥମ ସଂକଳନ କାଶତଣ୍ଡୀ ପରେ ଏହା କବିଙ୍କ ଦ୍ୱିତୀୟ ଅର୍ଘ୍ୟ। ପ୍ରକୃତି ଓ ମଣିଷକୁ ଭଲ ପାଉଥିବା କବି ନାରାୟଣ ଦାସ। ପ୍ରକୃତିର ବର୍ଣ୍ଣବିଭାରେ ବିଭୋର ସେ। ଶରତର ଏହି ପ୍ରକୃତିର ଉପହାର କାଶତଣ୍ଡୀକୁ ନେଇ କବି ଲେଖିଛନ୍ତି ଅନେକ କବିତା। କବିତାର ପ୍ରତି ଅବୟବରେ ରହିଛି ଅପରୂପଭାବର ମୂର୍ଚ୍ଛନା। ସରଳ ସାବଲୀଳ ଭାଷା, ମନୋହର ଶବ୍ଦ ସଂଯୋଜନା କବିତାଗୁଡ଼ିକୁ ବର୍ଣ୍ଣିଳ କରିଛି। ନିର୍ଝରିଣୀ ତଟନୀର ଉଉଳା ପବନରେ ମଥା ହଲେଇ ଦୋଳାୟମାନ ଭଙ୍ଗୀରେ ନାଚୁଥାଏ କାଶତଣ୍ଡୀ, ତାର ଶୁଭ୍ର ଅବୟବରେ ରହିଛି ସମାଜକୁ ଶୁଭ୍ରତାରେ ଭରିଦେବାରେ ଅଭୀପ୍ସା, ହୃଦୟର ସକଳ କାଳୀମାକୁ ଦୂରେଇ ଶୁଭ୍ର ଭାବ ଆଣିବାର ପ୍ରଚୁର ଆକାଂକ୍ଷା। କାଶତଣ୍ଡୀ କବିତା ଗୁଚ୍ଛରେ ରହିଛି ସାମାଜିକ ଓ ମାନବିକ ଅବକ୍ଷୟତାର ଝଲକ, ବିଭୁପ୍ରୀତି, ନୈରାଶ୍ୟ ଭିତରେ ପ୍ରଚୁର ଆଶାବାଦ, ସାଧାରଣ କାଶତୃଣ ଭିତରେ ଅସାଧାରଣ ଭାବପ୍ରୀତି, ବିଭିନ୍ନଋତୁରେ ପୁଷ୍ପମାନଙ୍କ ସହ ତୁଳନା କରି କାଶତଣ୍ଡୀର ମହନୀୟତା। କବିଙ୍କ ଦୃଷ୍ଟିରେ କାଶତଣ୍ଡୀ ଏକ ସଫେଦ୍ ଫୁଲ ନୁହେଁ, ସେ ଏକ ବିମୁଗ୍ଧ ଚେତନା, ଏକ ଉଜ୍ୱଳ ଭାବନାର ବାର୍ତ୍ତାବହ, ସାମାଜିକ ଓ ମାନବିକ ଅଙ୍ଗୀକାରବଦ୍ଧତାର ଉଦାର ଉଚ୍ଚାରଣ, ସ୍ରଷ୍ଟାଙ୍କର ଅଦ୍ଭୁତ ସୃଷ୍ଟିର ଏହି


ସାଧାରଣ ତୃଣଟି କବି ନାରାୟଣଦାସଙ୍କ ଲେଖନୀରେ ପାଲଟିଯାଇଛି ଏକ ମନ୍ମୟ ପ୍ରତୀକ। ଏକ ତନ୍ମୟ ଆଲେଖ୍ୟ। କବିତାର ପ୍ରତି ଶବ୍ଦରେ ଗୁନ୍ଥା ଫୁଲମାଳ ସବୁ କାଶତଣ୍ଡୀ ଗଳାରେ ଲମ୍ବି କବିତାପୁସ୍ତକକୁ ରସଗ୍ରାହୀ କରିଛି। ବିଖ୍ୟାତ ଆଳଙ୍କାରିକ ବିଶ୍ୱନାଥ କବିରାଜ କହିଛନ୍ତି "ବାକ୍ୟଂ ରସାତ୍ମକଂ କାବ୍ୟନ୍" ଅର୍ଥାତ୍ ରସାତ୍ମକ ବାକ୍ୟ ହିଁ କାବ୍ୟ ପଦବାଚ୍ୟ। ପଣ୍ଡିତରାଜ ଜଗନ୍ନାଥଙ୍କ ମତରେ "ରମଣୀୟାର୍ଥ ପ୍ରତିପାଦକଃ ଶବ୍‌ଦ କାବ୍ୟଂ"। କବି ନାରାୟଣ ଦାସ କାଶତଣ୍ଡୀର କବିତା ଗୁଡ଼ିକ ରସାତ୍ମକ ବାକ୍ୟର ମଧୁର ସଂଯୋଜନା। ରମଣୀୟ ଶବ୍‌ଦରେ ଚିର ଭାସ୍ୱର।

ଶେଷରେ ଉତ୍କଳର ନାଥ ଶ୍ରୀଜଗନ୍ନାଥକ ପାଖେ ପ୍ରାର୍ଥନା, କାଶତଣ୍ଡୀ ପାଠକ ମହଲରେ ଆଦର ଲାଭକରୁ। କବି ନାରାୟଣଙ୍କ ଲେଖନୀ ଉପରେ ଫୁଲ ବର୍ଷୁଥାଉ ଚିରକାଳ।

ତା ୨୧.୦୫.୨୦୧୯

**ସୁନୀଲ ମିଶ୍ର ମୈତ୍ରେୟ**
**ପ୍ରାକ୍ତନ ଅଧ୍ୟକ୍ଷ,କଣାସ ମହାବିଦ୍ୟାଳୟ,ପୁରୀ**
**ପ୍ରାକ୍ତନ ସଭାପତି ଉତ୍କଳ ସମ୍ମିଳନୀ,କଣାସ, ପୁରୀ**

# କାଶତଣ୍ଡୀ (ଦୁଇ) ପଢ଼ିବାପରେ
# ଦୁଇପଦ ମନକଥା



ରମେଶ ମଙ୍ଗରାଜ

ସୌଭାଗ୍ୟ ମିଳିଲା କାଶତଣ୍ଡୀ ଦୁଇ ପଢ଼ିବା ପାଇଁକି ମୋତେ
କବି ନାରାୟଣ ଦାସଙ୍କ ରଚିତ କବିର କଳ୍ପନା ଯେତେ । ॥୧॥
ପ୍ରତିଟି ପୃଷ୍ଠାରେ କାଶତଣ୍ଡୀ ଫୁଲ ମନଖୋଲି ହସୁଥିଲା
କବି କଲମର ଚତୁରୀ ଭିତରେ ମନମୋର ହଜିଗଲା । ॥୨॥
ଶରତ ଆସିଲେ ମରତ ଧାମକୁ ହସିଥାଏ କାଶତଣ୍ଡୀ
ନଈପଠା ଆଉ ବଣଜଙ୍ଗଲର ଶୋଭାକୁ ଦିଅଇ ମଣ୍ଡି । ॥୩॥
ଆକାଶେ ଭାସଇ ବଉଦର ଭେଳା ଉଡ଼ିଯାନ୍ତି ବକ ପଂକ୍ତି
ଶୁଭ୍ର କାଶତଣ୍ଡୀ ହସନ୍ତା ଓଠରୁ ଝରିଯାଏ ଖାଲି ଶାନ୍ତି । ॥୪॥
କବି ଖୋଜିଛନ୍ତି କାଶତଣ୍ଡୀ ବଣେ ବୌଦ୍ଧିକ ଚିନ୍ତାଚେତନା
ଅନ୍ଧାର ଭିତରେ ନୈରାଶ୍ୟ ଜୀବନେ କରୁଥାଏ ବାଟବଣା । ॥୫॥
ପ୍ରଦୀପର ଶିକ୍ଷା ଅଟେ କ୍ଷଣସ୍ଥାୟୀ ଏ ମରଶରୀର ଭଳି
କାଶତଣ୍ଡୀ ଅଛି ଯୁଗଯୁଗାନ୍ତର ଧବଳରୂପକୁ ଧରି । ॥୬॥
ସାଗରର ଢେ଼ଉ, ଆକାଶର ତାରା, ବାୟୁମଣ୍ଡଳର ଧୂଳି
ଗଛର ପତର, ମାଆର ମମତା, କିଏ ବା ପାରିବ କଳି । ॥୭॥
କବି ଦେଖିଛନ୍ତି ମାୟା ସଂସାରରେ ସବୁ ଏଠି କ୍ଷଣସ୍ଥାୟୀ
ଦୁନିଆ ଭିତରେ ଜନମ ଲଭିଲେ ଦେବତା ହେଲେ ମରଇ । ॥୮॥
କାଶତଣ୍ଡୀ ସତେ ଭିନ୍ନ ଚିନ୍ତନରେ ହୃଦୟ ଯାଇଛି ଛୁଇଁ
ପ୍ରିୟ କବିଙ୍କର କାବ୍ୟ ଚେତନାକୁ ବଧାଇ ଜଣାଏ ମୁହିଁ । ॥୯॥
ପାଠକମାନଙ୍କୁ ଛୁଇଁବ ନିଶ୍ଚୟ ଏହି ଆଶା ରଖି କରି
କବିଙ୍କ ପାଇଁକି ମନକଥା ମୋର ଏଇଠି ଦେଉଛି ସାରି । ॥୧୦॥

ରମେଶ ମଙ୍ଗରାଜ
ଶୁଭଚିନ୍ତକ ସହ, ଇତି
କବି ଓ କବିତାଭବନ ମହୁଲ, ଅଙ୍ଗରାପଡ଼ା, ଖୋର୍ଦ୍ଧା
ମୋ - ୯୧୭୮୬୨୬୨୮୦

ମହୁଲ
୩୦.୦୪.୨୦୧୯

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ଚଉତିରିଶି | ୧୫ |
| ପଇଁତିରିଶି | ୧୮ |
| ଛତିଶି | ୨୧ |
| ସତତିରିଶି | ୨୩ |
| ଅଠତିରିଶି | ୨୬ |
| ଅଣଚାଳିଶି | ୨୯ |
| ଚାଳିଶି | ୩୨ |
| ଏକଚାଳିଶି | ୩୫ |
| ବୟାଳିଶି | ୩୮ |
| ତେୟାଳିଶି | ୪୦ |
| ଚଉରାଳିଶି | ୪୩ |
| ପଇଁଚାଳିଶି | ୪୬ |
| ଛୟାଳିଶି | ୪୯ |
| ସତଚାଳିଶି | ୫୩ |
| ଅଠଚାଳିଶି | ୫୬ |
| ଅଣଚାଶ | ୫୯ |

# ସୂଚୀପତ୍ର



| ବିଷୟ | ପୃଷ୍ଠା |
|---|---|
| ପଚାଶ | ୬୨ |
| ଏକାବନ | ୬୪ |
| ବାବନ | ୬୬ |
| ତେପନ | ୬୮ |
| ଚଉବନ | ୭୦ |
| ପଞ୍ଚାବନ | ୭୪ |
| ଛପନ | ୭୬ |
| ସତାବନ | ୭୮ |
| ଅଠାବନ | ୮୦ |
| ଅଣଷଠି | ୮୨ |
| ଷାଠିଏ | ୮୫ |
| ଏକଷଠି | ୮୭ |
| ବାଷଠି | ୮୯ |
| ତେଷଠି | ୯୦ |
| ଚଉଷଠି | ୯୨ |
| ପଞ୍ଚଷଠି | ୯୪ |

# ଚଉତିରିଶି

ଦୁନିଆ ବୋଲୁଛି
ସେ ଗୋଟେ ପାଗଳ
ତୃଣକୁ କରିଛି ସାଥୀ
କିଛି ମିଳିଲାନି
କିଛି ଦିଶିଲାନି
ତୃଣଠାରେ ଏତେ ପ୍ରୀତି ।।୧।।

ହେମ ବରଷାକୁ
ନଥାଏ ଖାତର
ବସିଥାଏ ତା'ର ପାଶେ
କ'ଣ ଅଛିବା
ତା' ଶୁଭ୍ର ତନୁରେ
ଚାହିଁଥାଏ ନିର୍ନ୍ଦିମେଷେ ।।୨।।


କରେ ଗଳାହାର
ଏ କେଉଁ ଜାତିରେ
ପାରୁନାହିଁ ଆମେ ଜାଣି
ନୁହେଁ ତରୁଲତା
ଅବା ସରିସୃପ
ସରିତର ନୁହେଁ ପାଣି ।।୩।।



ନୁହଁଇ ସେ ହ୍ରଦ
ଡ଼ଙ୍ଗର ପ୍ରାନ୍ତର
ନୁହେଁ ସେତ ନଦ ନଦୀ
କେଉଁ ଉପାଦାନେ
ଗଢ଼ିଛି ବିଧାତା
ପ୍ରଶ୍ନଉଠେ ଅଦ୍ୟାବଧି ।।୪।।

ନୁହଁଇ ପ୍ରସୂନ
ଅବାଫଳ ମୂଳ
ନୁହଁଇ ସେ ପଶୁପକ୍ଷୀ
ନୁହଁଇ ପଥିକ
କାହାର ଜୀବାତ୍ମା
ରୂପତା'ର ନାହୁଁ ଦେଖି ।।୫।।

ନୁହଁଇ ପାହାଡ଼
ପର୍ବତ ନିର୍ଝର
ଝରଣାର ଜଳରାଶି
କାହାର ଦର୍ଶନ
ମୋହିନିଏ ମନ
ନୀରବେ କହୁଛୁ ଆସି ।।୬।।



ମନ ଗହନରେ
ଅଶେଷ ଭାବନା
କିଏ ସେ ପାରିବ କଳି
ଅଭୁଲା ସ୍ମୃତିକୁ
କରେ ରୋମନ୍ଥନ
ସ୍ମୃତିର ଦୀପାଳି ଜାଳି ।।୭।।

ଚାନ୍ଦ କୁମୁଦର
ପିରତି ସତେ ତା'
ମନ ମନ୍ଦିରେ ସାଇତା
କାଶତଣ୍ଡୀର ସେ
ଏକାନ୍ତ ନିଜର
ମାପେ ପ୍ରୀତି ଗଭୀରତା ।।୮।।


❖❖❖

# ପଇଁତିରିଶି

କବିର କଳ୍ପନା
ଅନନ୍ତ ଆକାଶ
ନାହିଁ ତା'ର ପରିସୀମା
ଭାବନା ରାଜ୍ୟରେ
ବିଚରଣ ସଦା
ରୂପ ତା'ର ଅନୁପମା ।।୧।।

କିଏ ସେ କେଜାଣି
ବସି ଭାବୁଅଛି
କବିର ମହତ୍ୱ କେତେ
ଚାରିଯୁଗେ ତା'ର
ନାମ ସୁବିଦିତ
ପଚାରି ବୁଝିବ ଯେତେ ।।୨।।


ଜଗତେ ବୋଲନ୍ତି
ଦ୍ୱିତୀୟ ଈଶ୍ୱର
ଏହାର ସତ୍ୟତା କେତେ
ବୁଝାଇ ଦିଅହେ
ମୂରୁଖ ଜନକୁ
ଗଭୀରତା ତା'ର କେତେ ।।୩।।



କରଇ ଯୁହାର
ହେ କବି ଈଶ୍ୱର
ଧନ୍ୟ ତୁମ ଭାଗ୍ୟରେଖା
କୋଟି ପ୍ରଣିପାତ
ଜଣାଏ ତୁମକୁ
ଦିଅବାରେ ତୁମ ଦେଖା ||୪||

ଜଗତେ ତୁମର
ନାମ ରହିଅଛି
ରହିଥିବ ଚିରକାଳ
ଅଧମ ତୁମକୁ
ପ୍ରଣତି ଜଣାଇ
ଭିକ୍ଷାମାଗେ ଧରି ଥାଳ ||୫||

ଏତିକି ମିନତି
କରୁଛି ପୟରେ
ଥାଉ ତୁମ ଆଶିର୍ବାଦ
ଆଶା ମୋର ରହୁ
ଆଗକୁ ଆଗକୁ
ନ ଲେଉଟୁ କଦା ପଦ ||୬||



ବିଦାୟ ନେଉଛି
ତୁମକଥା ଭାବି
ଛାଡୁଅଛି ଏହି ସ୍ଥାନ
ଭବିଷ୍ୟତେ ଯଦି
ହୁଏ ତୁମ ଦେଖା
ଧନ୍ୟ ହୋଇବ ଜୀବନ ।   ।।୭।।

କାଶତଣ୍ଡୀ କାୟା
ରହିଛି ରହିବ
ରହିଅଛି ଚିରକାଳ
ସୃଷ୍ଟି ଆରମ୍ଭରୁ
ବିଛାଇ ଦେଇଛି
ଯେହ୍ନେ ମହୋଦଧି ଜଳ   ।।୮।।

ସାରା ରାଇଜରେ
ଚହଲ ପଡ଼ିଛି
ସେହି ଶୁଭ୍ରକେଶୀ ନାମ
ଧନ୍ୟ ତା'ର ସ୍ଥିତି
ଧନ୍ୟ ତା'ର ନାଆଁ
ଧନ୍ୟ ଏହି ଧରାଧାମ   ।।୯।।


❖ ❖ ❖

# ଛତିଶି

ପ୍ରକୃତି କୋଳରେ
ବିକଶିତ ହୋଇ
ମନକୁ କରେ ମୋହିତ
ଧୀର ପବନରେ
ଦୋଳାୟିତ ଅଙ୍ଗ
ଦିଶୁଥାଏ କି ବିଚିତ୍ର ।।୧।।

କୁସୁମ ସମ୍ଭାର
ସବୁରି ମନକୁ
କରୁଥାଏ ଆକର୍ଷିତ
ତା' ରୂପ ମାଧୁରୀ
ଦେଖିଦେଲେ ଥରେ
ମନପ୍ରାଣ ପୁଲକିତ ।।୨।।


ବଣ ଜଙ୍ଗଲରେ
ଗାଆଁ ଗୋହିରିରେ
ରୂପର ପସରା ମେଲି
ସିଏତ ବସିଛି
ହଲି ଦୋହଲୁଚି
ମୁରୁକି ହସୁଛି ଖାଲି ।।୩।।



ମୁନି ମନୋଲୋଭା
ରୂପକୁ ଥରୁଟେ
ଦେଖିଦେଲେ ମନଭରି
ସବୁ ଦୁଃଖ ଶୋକ
ହୁଅଇ ଅନ୍ତର
ବାରିସମ ପଡ଼େ ଝରି ।।୪।।

ନାନାଜାତି ଫୁଲ
ଏହି ଧରଣୀରେ
ଫୁଟି ବାସ ବିତରନ୍ତି
କାଶତଣ୍ଡୀ ଫୁଟି
ବାଣ୍ଟି ସ୍ନେହ ପ୍ରୀତି
ମେଣ୍ଟାଏ ତା' ମନ କ୍ଲାନ୍ତି ।।୫।।

❖❖❖




# ସତତିରିଶି

ଦୂର ନିର୍ଝରରେ
କାଶତଣ୍ଡୀ ନାଚେ
ନାଚେ ଝରଣାର ପାଣି
ଧରଣୀ ଦୁଆରେ
ଶୈବାଳ ବିଛାଇ
ଆସଇ ଶରତ ରାଣୀ ।।୧।।

ଶୀତ କାକରରେ
ଦିନଯାଏ ବିତି
ଶୀତବସ୍ତ୍ର ଅଭାବରେ
କିପରି ଭୁଲିବି
ତା'ର ଦୁଃଖ କଷ୍ଟ
ଭାବୁ ଭାବୁ ଦିନସରେ ।।୨।।

ଅଶିଣ ମାସର
ଧାନ କିଆରିରେ
ବକ ପକ୍ଷୀ ପଲ ପଲ
ଡ଼େଣା ଝାଡୁଥାନ୍ତି
ଖୁସି ମନେ ବସି
କାଶ ଫୁଲ ସଙ୍ଗେ ଗେଲ ।।୩।।

## କାଶତଣ୍ଡୀ (ଦୁଇ)



ଶରତ ଆକାଶେ
ନିର୍ମଳ ଦିଶଇ
ଜୋଛନାର ଜହ୍ନରାତି
ଗ୍ରୀଷମରେ ଯିଏ
ସିଜି ସିଜି ଥାଏ
କାଟେ ନାହିଁ ତାକୁ ତାତି ।।୪।।

ଫଗୁଣ ମାସର
ମନ୍ଦ ସମୀରଣେ
ବଉଳର ବାସଛୁଟେ
କିପରି ଭୁଲିବି
ତା'ର ମହକକୁ
ତୋଟା ଗହଳରେ ଭେଟେ ।।୫।।


କୁହୁକୁହୁ ସ୍ୱନ
କୋକିଳର ଗାନ
ଶୁଣିହୁଏ ଉଲ୍ଲସିତ
କି' ଗୁଣ ଗାଇବି
ତା' କଣ୍ଠର ତାନ,
ଶୁଣି ମନହୁଏ ତୃପ୍ତ ।।୬।।

ନିଦାଘ ସମୟ
ନିଦାଘ କରରେ
ତପ୍ତ ହୁଏ ବସୁନ୍ଧରା
ନପାରେ ତ ସହି
ତା'ର ତେଜ ତାପ
ଜଳିଯାଏ ଦେହସାରା ।।୭।।

ଅଲୋଡ଼ା ଚାହାଣି
ଦୁଃଖ ଦିଏ ତାକୁ
ନ ଚାହାଁନ୍ତି କେ ଆନନ୍ଦେ
କା' ପାଇଁ ରହିବି
କାହିଁକି ବଞ୍ଚିବି
କହି କାଶତଣ୍ଡୀ କାନ୍ଦେ ।।୮।।

ଦାରୁଣ ଆଘାତ
ଦିଏ ମୋ ଅନ୍ତରେ
କିସ ବୋଲିବି କାହାକୁ
ପ୍ରକୃତିର ଏକି
ନିଷ୍ଠୁର ଯାତନା
ଭାଗ୍ୟଲେଖା ସହିବାକୁ ।।୯।।

❖❖❖




# ଅଠତିରିଶି

ଇତିହାସ ଆଇନାରେ
ଏ ସାରା ଜଗତ
ଯାହାସବୁ ଘଟିଅଛି
ତାହାହିଁ ଲିଖିତ ।।୧।।

କେତେ ସ୍ମୃତି କେତେ କୀର୍ତ୍ତି
ହଜିଲାଣି ଭବେ
କିମ୍ପାଇଁ ମଉନେ ବସି
ଭାବୁଛ ନୀରବେ ।।୨।।

ଯାହା ହଜିଲାଣି ଭବୁ
ନ ଫେରିବ ଆଉ
ସାବଧାନ ହୁଅ ଏବେ
ବେଳ ଥାଉ ଥାଉ ।।୩।।

କେତେ ସ୍ମୃତି କେତେ କୀର୍ତ୍ତି
ହୋଇଲାଣି ଇତି
ଯାହାଥିଲା ମୋ ଦେଶର
ଜାତୀୟ ସମ୍ପତ୍ତି ।।୪।।




ଚିନ୍ତୁନାହିଁ କେହି କେବେ
ଅଫେରା ସ୍ମୃତିକୁ
ହୃଦୟଟା ଦହିହୁଏ
ଖୋଜେ ଅତୀତକୁ ।।୫।।

ଭାବନା ରାଜ୍ୟରେ ଘୂରେ
ଅନ୍ତର ମୋହର
ଥାଏ ସଦା ଦୃଶ୍ୟ ପଥେ
ହେଜେ ବାରବାର ।।୬।।

ଅତୀତର ଆଇନାରେ
କାଶତଣ୍ଡୀ ରୂପ
ଯୁଗ ଯୁଗ ରହିଅଛି
ସେ ଅଲିଭା ଦୀପ ।।୭।।

ଭୁଲିତ ହେବନି ତା'ର
ସୌମ୍ୟ କଳେବର
ସିଏ ଯେଣୁ ସୌନ୍ଦର୍ଯ୍ୟର
ଅଲିଭା ସ୍ୱାକ୍ଷର ।।୮।।



ଯାହାର ପରଶେ ହେବ
ସୁନ୍ଦର ସଂସାର
ଯୁଗ ଯୁଗ ସ୍ୱର୍ଣ୍ଣାକ୍ଷରେ
ରହିବ ଭାସ୍ୱର ||୯||

ତା'ର ଅପରୂପ କାନ୍ତି
ଦେଉଛି ପ୍ରେରଣା
ଆବିଳତା ହଟିଯିବ
ହେଲେ ଉଚ୍ଚମନା ||୧୦||


❖❖❖

# ଅଣଚାଳିଶି

କବିର ଜୀବନ
ଲେଖାରେ ଲେଖାରେ
ହୁଏନାହିଁ କେବେ ଇତି
ଜୀବନ ଦୀପାଳି
ଲିଭେସିନା ଦିନେ
ଅଲିଭା ତା’ ଦିବ୍ୟଜ୍ୟୋତି ।।୧।।

ସୁରଭିତ ଫୁଲ
ପାଖୁଡ଼ା ମେଲାଇ
ହସେ ଫୁଲ ବଗିଚାରେ
ବାଟରେ ବାଟୋଇ
ହୁଏ ବାଟମଣା
ବିମୋହିତ ମହକରେ ।।୨।।


ଏତେ ଆକର୍ଷଣ
ହରେ ଜନମନ
ପରାଣେ ଭରେ ପୁଲକ
ଦିବାନିଶି ଫୁଟି
ଦେଉଥାଏ ଭେଟି
ଅନ୍ଧାରି ମନେ ଆଲୋକ ।।୩।।



ସୌରଭ ନଥାଉ
ରୂପ ରାଇଜରେ
ସମସରି ତା'ର କିଏ
ଶୁଭ୍ରକାନ୍ତି ରୂପ
ଦିବ୍ୟ କଳେବର
ଜଗତେ ଆଦର ପାଏ ।।୪।।


ଅବିସ୍ମରଣୀୟ,
ସେହି ଶୁଭ୍ରକେଶୀ
ପୁଣ୍ୟ ଏହି ଧରାଧାମ
ଶତଲକ୍ଷ କଣ୍ଠେ
ହୁଏ ଉଚ୍ଚାରଣ
ଶୁଭୁଅଛି ତା'ର ନାମ ।।୫।।

ଭାଷା ଭାବ ଅଛି
ବୁଝୁନାହୁଁ ଆମେ
ସେହିମାନେ ଦେବେ କହି
ସେ ଗହୀର ବିଲେ
ନାହିଁ ଆମ ଚାଷ
ପ୍ରକୃତି ଦେବ ବୁଝାଇ ।।୬।।



କାଶତଣ୍ଡୀ ଆଜି
ନିରବ ଦର୍ଶିକା
ନାହିଁ ତା'ର ଅଭିମାନ
ଭାଷାନାହିଁ ତା'ର
ବ୍ୟକ୍ତ କରିବାକୁ
ନିଜ ଆତ୍ମ ସ୍ୱାଭିମାନ ।।୭।।

❖❖❖




# ଚାଳିଶି

ଏ ମାନବ ଧ୍ୱଂସକରେ
ପ୍ରତ୍ୟଙ୍ଗ ଆମର
ବିନା ଦୋଷେ ଏ ବଉଁଶ
ଭୋଗଇ ଅପାର  ।।୧।।

ବିଶାଳ ସୃଷ୍ଟିରେ ତରୁ
ତୃଣ ଭରପୁର
ବଞ୍ଚିବାକୁ ନାହିଁ କ'ଣ
ସମ ଅଧିକାର ?  ।।୨।।

କେଉଁ ଅପରାଧ ମଣି
କରୁଛ ବିନାଶ
ଉତ୍ତର ଖୋଜଇ ଆଜି
ତରୁ ତୃଣ ବଂଶ  ।।୩।।

ବିବେକ ହୀନ ମାନବ
ନାହିଁ ତୁମ ଜ୍ଞାନ
ଜାଣିଶୁଣି ବିନାଶୁଛ
ଆମର ଜୀବନ  ।।୪।।




ହିତାକାଂକ୍ଷୀ ଉପକାର
କାହିଁ ପାସୋରୁଛ
ହିତାହିତ ଜ୍ଞାନ ରହୁ
ଭାବ ଆଗପଛ ।।୫।।

ଆମେ ଯଦି ଧ୍ୱଂସ ପାଉ
ତୁମେ ଯିବ ଚାଲି
ଯଦି ଥିବ ତୁମ ସତା
ଥିବ ମରୁବାଲି ।।୬।।

ଶୁଭ ଚିନ୍ତାକର ସଦା
ହେ ମାନବ ଜାତି
କଟୁଥାଉ ସୁରୁଖୁରେ
ତୁମ ଦିନରାତି ।।୭।।

ଯାଉଅଛି ଚାଲିଆଜି
ସୁଖର ସଂସାର
ଝଡ଼ଝଡ଼ି ନେଇଗଲା
ଆମ ପରିବାର ।।୮।।




ଚତୁର୍ଦ୍ଦିଗେ ଘେରିଅଛି
ବନ୍ୟାଜଳ ଆସି
ମୁକ୍ତିର ପଥ ଖୋଜୁଛୁ
ଚିନ୍ତନରେ ବସି ।।୯।।

ହୋଇଅଛି ତନୁ ଆଜି
ସମ୍ପୂର୍ଣ୍ଣ ବିବର୍ଣ୍ଣ
ବନ୍ୟା ବାତ୍ୟା କରିଅଛି
ଶରୀରକୁ କ୍ଷୁର୍ଣ୍ଣ ।।୧୦।।

ନିରାଶ ମନରେ ଆଜି
ଯାପୁଛୁ ଜୀବନ
ପୂର୍ଣ୍ଣ ହେବ କେବେ ଆଶା
ଗଣୁଅଛୁ ଦିନ ।।୧୧।।

ଅତୀତ ସ୍ମୃତିକୁ ହେଜେ
କାଶତଣ୍ଡୀ ବନ
ବିଷାଦ ସମୟ କେବେ
ହେବ ଅବସାନ ।।୧୨।।

❖❖❖



# ଏକଚାଳିଶି


ଗଭୀର ଜଳରେ
ଶାମୁକା ଯେତେ
ନୀଳ ଆକାଶରେ
ତାରକା ସେତେ ।।୧।।

ଭସା ବାଦଲକୁ
ଗଣିବା ଯେତେ
ଦରିଆ ବୁକୁରେ
ଲହରୀ ସେତେ ।।୨।।

ଶ୍ରାବଣ ସମୀରେ
ଆଦ୍ରତା ଯେତେ
ପଉଷ ମାସରେ
ଶୁଷ୍କତା ସେତେ ।।୩।।

ଫୁଟନ୍ତା ପୁଷ୍ପର
ମହକ ଯେତେ
ପୁନିଅଁ ଚାନ୍ଦର
ଜୋଛନା ସେତେ ।।୪।।

## କାଶତଣ୍ଡୀ (ଦୁଇ)




ତୁଠ ପଥରର
ସହଣି ଯେତେ
ମା' ହୃଦୟର
ମମତା ସେତେ ।।୫।।

ମକ୍ଷିକା ମଧୁରେ
ମଧୁର ଯେତେ
ପ୍ରେମର ପ୍ରୀତିରେ
ସେନେହ ସେତେ ।।୬।।

କାଶତଣ୍ଡୀ ଯିଏ
ଦେଖିଚ ଯେତେ
ମନଭରି ହେଜ
ଅନ୍ତରେ ସେତେ ।।୭।।


ତନୁଟି କୋମଳ
ତାହାର ଯେତେ
ସୂତ୍ରପୁଷ୍ପ ପରି
ଲାଗଇ ସେତେ ।।୮।।



ତା'ର ମୋର ଭାବ
ହୃଦୟେ ଯେତେ
ସୁନ୍ଦର ତୃପ୍ତିରେ
ଆନନ୍ଦ ସେତେ ।।୯।।

ସାଦରେ ଗ୍ରହଣ
ସନ୍ତୋଷ ଯେତେ
ସହସା ସାକ୍ଷାତେ
ମିଳଇ ସେତେ ।।୧୦।।

ଏକ ଆରକେକୁ
ପଚାର ଯେତେ
ଉତ୍ତର ପାଇବ
ତା' ଠାରୁ ସେତେ ।।୧୧।।



# ବୟାଳିଶି

କାଶତଣ୍ଡୀ ଆଜି ମୋର ବୋହୂ ସାଜିଛି
ନଇଁ ନଇଁ ଚାଲିଯାଏ ମଥା ଦିଶୁଛି
ଗଭାରେ ନାଇଛି ଚାରୁ ସିଲିକି ଶାଢ଼ି
ସିଲିକି ଶାଢ଼ିରେ ଥାଏ ସୁନ୍ଦର ପାଢ଼ି ।।୧।।

ସୁନ୍ଦର ଶାଢ଼ିଟି ମୋର ଛୁଇଁଛି ମନ
ମନ ମଧ୍ୟେ ଦେଖୁଥାଏ କେତେ ସପନ
ସପନରେ ଦୃଶ୍ୟହୁଏ ସୁନ୍ଦର ତନୁ
ବୟସର ରୂପକାନ୍ତି ନଯାଏ ମନୁ ।।୨।।

କେତେ କେତେ ନୂଆ ଆଶା ମନେ ବାନ୍ଧିଛି
ଅପାସୋରା ସ୍ମୃତି ସବୁ ହୃଦେ ରଖିଛି
କେତେ ଯୁବା ଯୁବତୀଙ୍କ ସଙ୍ଗେ ମିଶିଛି
ମନେ ହେଜେ ଅତୀତକୁ ଯାହା ହଜିଛି ।।୩।।


ସୁବାସ ନଥିଲେ ନାହିଁ ରୂପେ କେ ସରି
ରୂପରେ ବାନ୍ଧି ରଖିଛି ହୃଦେ ସବୁରି
ସବୁରି ମୁଖରେ ଆଣେ ଚିର ହରସ
ଦିଶୁଥାଏ ତା'ର ତନୁ ସଦା ସରସ ।।୪।।

ସବୁରି ସଙ୍ଗରେ ତା'ର ଭାବ ରହିଛି
ନୃତ୍ୟକରି ନାନା ରଙ୍ଗେ ମନ ମୋହିଛି
ବନ ଉପବନେ କେଉଁ କାଲୁ ରହିଛି
ପାଦରେ ନୂପୁର ରୁଣୁଝୁଣୁ ବାଜୁଛି ।।୫।।

ତା'ପରି ନର୍ତ୍ତକୀ ନାହିଁ ସାରା ଜଗତେ
ସମୀର ସଙ୍ଗରେ ନାଚେ ଅକୁଣ୍ଠ ଚିତ୍ତେ
ଦେଖା ତା'ର ପାଉନାହିଁ ଯାଇଛି ହଜି
ଡ଼ଙ୍ଗର ଝରଣା ତୀରେ ଖୋଜୁଛି ଆଜି ।।୬।।

ଅଦୂରରେ ମିଶିଯାଏ ତାହାର ଛାୟା
ଖୋଜିବାର ଅନ୍ତନାହିଁ ମୁଁ ହୁଏ ବାୟା
ଖୋଜି ଖୋଜି ଦିନେ ତା'ର ମିଳିବ ଭେଟ
ଭିନ୍ନ ଭିନ୍ନ ରୂପେ କରେ ମୋ ସଙ୍ଗେ ନାଟ ।।୭।।

❖❖❖




# ତେୟାଲିଶି

ପରଦେଶୀ ବନ୍ଧୁ ତୁମେ
ଯାଅ କେଉଁ ପୁର
ହେବ କେବେ ଦେଖାଆଉ
ତୁମର ଆମର ।।୧।।

ଅଦିନିଆ ମେଘପରି
ହୁଏ ତୁମ ଦେଖା
ସଞ୍ଜୀ ଦୀପାଳିର ପରି
ଆଲୋକର ଶିଖା ।।୨।।

କ୍ଷଣେ ରହି ଅଗ୍ନିଶିଖା
କ୍ଷଣେ ଲିଭିଯାଏ
ତା’ର ତେଜ ତା’ର ତାପ
ଆଲୋକ କି ଥାଏ ? ।।୩।।

ସେ ଆଲୋକ ଦୃଶ୍ୟ ହୁଏ
କ୍ଷଣିକ ମାତର
ଯାହାସବୁ ଦେଖାଯାଏ
ତୁମେ ହେଜିପାର ।।୪।।



ମୋ’ ମନର ବନ୍ଧୁ ତୁମେ
ବିପଦର ସଖା
ତୁମ ନାମ ମୋ ହୃଦୟେ
ହୋଇଅଛି ଲେଖା ।।୫।।

ଶୁଭ୍ରବସ୍ତ୍ର ପରିଧାନ
ଶୁଭ୍ରକେଶ ତନୁ
ତନୁର ସେ ଦୃଶ୍ୟ କେବେ
ନଯିବ ତ ମନୁ ।।୬।।


ଥିବ ଯେତେଦିନ ମୋର
ହୃଦୟ ମନ୍ଦିରେ
ଭୁଲିକି ପାରିବି ମୁହିଁ
ଏଇ ଜୀବନରେ ।।୭।।


ତୁମେ ମୋର ଅତିପ୍ରିୟ
ତୁମେ ମୋ ଜୀବନ
ତୁମପରି ସାଥୀ ପାଇ
ହୋଇଛି ମୁଁ ଧନ୍ୟ ।।୮।।

ତୁମରି ଶୁଭ କାମନା
ଚିନ୍ତଇ ସତତ୍
ସଂସାର ସାଗରେ ଥାଇ
ନୁହେଁ ବିଚଳିତ ||୯||

ମଥାକୁ ନୁଆଁଇ କରେ
ଯାହାଙ୍କୁ ଯୁହାର
ନୁହେଁ କିନ୍ତୁ ଅନ୍ୟକେହି
ଅତି ଆପଣାର ||୧୦||

କାଶତୃଣ ବଖାଣୁଛି
ଅନ୍ତରର କଥା
ଅପାସୋରା ପୂର୍ବ ସ୍ମୃତି
ଦେଉଅଛି ବ୍ୟଥା ||୧୧||






# ଚଉରାଳିଶି

ଫୁଲମାଳ ନେଇଗଲେ
ମନ୍ଦିର ବେଢ଼ାକୁ
ପ୍ରଶ୍ନ ମନେ ଉଙ୍କିମାରେ
ଦେବି ମୁଁ କାହାକୁ ।।୧।।

କେତେ ଦିଅଁ ଦେବାଦେବୀ
ଅଛନ୍ତି ମନ୍ଦିରେ
ଫୁଲନେଇ ପୂଜିବି ମୁଁ
କେଉଁ ପରକାରେ ।।୨।।

ସର୍ବ ଦେବାଦେବୀ ମୋର
ହୃଦୟେ ଆସୀନ
କିପରି ପୂଜିବି ମୁହିଁ
କରୁଅଛି ଧ୍ୟାନ ।।୩।।

ତା'ର ସଦୟରେ ମୋର
ଦିନ ଯାଉ ସରି
ଲୟସଦା ରହିଥାଉ
ହୃଦୟେ ମୋହରି ।।୪।।




ସହସା ହୋଇଲା ଭେଟ
ବାଲ୍ୟବନ୍ଧୁ ସଙ୍ଗେ
ଯାହାସବୁ ଭୋଗିଅଛି
ଅତୀତରେ ଅଙ୍ଗେ ।।୫।।

ହୋଇଗଲା ଆଲୋଚନା
କଥାରେ କଥାରେ
ପରସ୍ପର କୋଳାକୋଳି
ଉଲ୍ଲାସ ମନରେ ।।୬।।

ଦେଖିଗଲୁ ସାୟଂକାଳେ
ସ୍ଥାନଟି କାହାର
ବିସ୍ମିତ ହୋଇଲି ଦେଖି
ଆନନ୍ଦେ ବିଭୋର ।।୭।।

ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ
ପାରି ପାର୍ଶ୍ୱସ୍ଥାନ
ଥରେ ମାତ୍ର ଦେଖିଦେଲେ
ଫେରେନାହିଁ ମନ ।।୮।।




ଚତୁଃପାର୍ଶ୍ୱେ ପରିପୂର୍ଣ୍ଣ
କାଶତୃଣ ବନ
ଲମ୍ବିଅଛି ବହୁଦୂର
କାନ୍ତାର କାନନ ।।୯।।

ଆଖିଠୁ ଅନେକ ଦୂର
ନିର୍ଝରିଣୀ ତୀରେ
ଝୁଲୁଥାଏ ସଦାଅଙ୍ଗ
ଧରଣୀ ବକ୍ଷରେ ।।୧୦।।

ତା'ଦିବ୍ୟ ସୁନ୍ଦର ତନୁ
ଦେଖିଲେ ନୟନେ
ମନେପଡ଼େ ଜାଗରଣେ
ଶୟନେ ସପନେ ।।୧୧।।

ଦୂର ପରବତ ପରି
ସିଏତ ସୁନ୍ଦର
କାଶତୃଣ ଖୋଜେ ମୋର
ଅନ୍ତର ବାହାର ।।୧୨।।

❖❖❖




# ପଇଁଚାଳିଶି

ଏ ଭବ ସାଗରେ ବିତେ
ନଶ୍ୱର ଜୀବନ
ଦୀନହୀନ ଅବସ୍ଥାରେ
ବିତିଯାଏ ଦିନ ।।୧।।

ଅଶାନ୍ତ ସମୟ କଟେ
ବ୍ୟସ୍ତତା ଭିତରେ
ଭାଗ୍ୟ ରବି ଉଦୟକି
ହେବନି ଭାଗ୍ୟରେ ।।୨।।

ଘୋର ଅନ୍ଧକାର ମଧ୍ୟେ
ନୈରାଶ୍ୟ ଜୀବନ
କେମିତି ଦେଖିବି ଭଲା
ସୁଖର ସପନ ।।୩।।

କିଏ କେଉଁମନେ ଭାବେ
ଅକିଞ୍ଚନ ପ୍ରତି
ବିଷାଦ ଗ୍ରସ୍ତ ସମୟ
ଯାଉଅଛି ବିତି ।।୪।।




ଆସିନାହିଁ ଏ ଅନ୍ତରେ
ଦିନଟେ ସୁଦିନ
କେଉଁ ଅଭିଶାପ ଫଳେ
ଭୋଗେ ଅକିଞ୍ଚନ ।।୫।।

କାହାର କୋପ ନଜର
ପଡ଼ିଛି ଉପରେ
ଅନ୍ତ ହେବ ପୁଣି କେବେ
ଅଭାବି ଭାଗ୍ୟରେ ।।୬।।

ଲୋତକକୁ କରି କାଳି
ଲେଖୁଛି ପତର
ଯେଉଁ ପୁରେ ଥା' ରହି
ଦେବୁ ତା' ଉତ୍ତର ।।୭।।

ଅଛି ମୁହିଁ ତୁମ ପାଶେ
କୁସୁମ ଶରୀରେ
କାଶତୃଣ ଝୁରୁଅଛି
ପାଇବ ଅଚିରେ ।।୮।।



ଯା’ ଆସ କରୁଅଛି
ସୂକ୍ଷ୍ମ ଶରୀରରେ
ନାହିଁ ତୁମ ଦିବ୍ୟ ଚକ୍ଷୁ
ରୂପ ଦେଖିବାରେ ||୯||

କାଶତଣ୍ଡୀ ତୁମପାଇଁ
ସଦା ଲାଳାୟିତ
ଚିନ୍ତାମଗ୍ନେ ରହି ଭାବେ
ତୁମର ଅତୀତ ||୧୦||

କରନାହିଁ ହତାଦର
ଥାଉ ସଦା ସାଥେ
ଭୁଲିବନି ନଭୁଲିବ
କେବେ ହେଲେ ଚିତ୍ତେ ||୧୧||

ତୁମରି ଜୀବନ ସେତ
ତୁମ ଗଳାହାର
କାଶଫୁଲ ସଦା ଚିନ୍ତେ
ଅନ୍ତରେ ତାହାର ||୧୨||

# ଛୟାଳିଶି

ବରଷକ ବାରମାସ
ଛ' ଋତୁ ଧରାରେ
ଚନ୍ଦ୍ର, ସୂର୍ଯ୍ୟ ଆତଯାତ
ହେଉଛନ୍ତି ବିଧିରେ ।।୧।।

ଗ୍ରହ ଉପଗ୍ରହମାନ
ଘୁରୁଛନ୍ତି କକ୍ଷରେ
ତାରାପୁଞ୍ଜ ରହିଛନ୍ତି
ନିଶ୍ଚଳ ଗତିରେ ।।୨।।

ପ୍ରକୃତିର ନିର୍ଦ୍ଦେଶରେ
ଚାଲିଛି ଜଗତ
ତା'ର ନିୟମରୁ କେହି
ନୁହଁନ୍ତି ବିରତ ।।୩।।


ଶରତର ସ୍ୱାଗତକୁ
ନଜର ରଖରେ
କାଶତଣ୍ଡୀ ଫୁଟିଅଛି
ଧରିତ୍ରୀ ବକ୍ଷରେ ।।୪।।

ସ୍ୱାଗତ ସମ୍ବର୍ଦ୍ଧନାତ
ହୁଅଇ ଅଶେଷ
ଦିବସ ସମୟେ ସର୍ବେ
କରନ୍ତି ଆଶ୍ଳେଷ ।।୫।।

ଆଶାତୀତ ସ୍ନେହଶ୍ରଦ୍ଧା
କରନ୍ତି ସରବେ
ମନଜାଣି ଆଶାୟିତ
ଫଳକୁ ଅର୍ପିବେ ।।୬।।

ଯାହାବଳେ ତା'ର ନାମ
ହୋଇବ ବିଖ୍ୟାତ
ତା'ର ଶୁଭାକାଙ୍କ୍ଷୀ ମାନେ
ହେବେ ଉଲ୍ଲସିତ ।।୭।।

କା' ଇସାରାରେ ଚାଲେ
ତା' ଜୀବନ ରଥ
ତା'ର ଆମନ୍ତ୍ରଣ ହେଉ
ସତତ୍ ଶାଶ୍ୱତ ।।୮।।




ପ୍ରକୃତି କୋଳରେ ଆଜି
କରିଅଛି ବାସ
ଦିନେ ଯିବ ଦୃଶ୍ୟପଥୁ
କରିଣ ନିରାଶ ||୯||

ଆଶାଶୂନ୍ୟ ପଥଚାରୀ
ନିର୍ମଳ ମନରେ
ଖୋଜୁଥାଏ ମନ ମଧ୍ୟେ
ହତାଶ ଭାବରେ ||୧୦||

କାଶତଣ୍ଡୀ ଯାଉଅଛି
ଦୂର ରାଇଜକୁ
ଫେରିବ ନିଶ୍ଚୟ ଦିନେ
ତା’ ବନ୍ଧୁ ପାଖକୁ ||୧୧||

ସାଥୀଟି ନୁହଁଇ କେବେ
ପ୍ରଦୀପର ଶିଖା
କ୍ଷଣେ ରହି ଚାଲିଯିବ
ନକରି ଅପେକ୍ଷା ||୧୨||



ପ୍ରଦୀପର ଶିଖା ଜଳେ
କ୍ଷଣିକ ମାତର
କାଶତୃଣ ରହିଅଛି
ଯୁଗ ଯୁଗାନ୍ତର ||୧୩||

❖❖❖

# ସତଚାଳିଶି


ଭେଦାଭେଦ ଭୁଲିଯଦି
ସର୍ବେ ହେବା ଏକ
ଅନ୍ଧକାର ଯିବ ଘୁଞ୍ଚି
ହସିବ ଆଲୋକ ।।୧।।

ଜନସେବା କରିବାରେ
ହେବା ଆଗଭର
ନିର୍ମଳ ଭାବ ମୂର୍ତ୍ତିର
ହୋଇବ ପ୍ରସାର ।।୨।।

ଚିକିତ୍ସାରେ ଦେବାସଦା
ସେବା ମନୋବୃତ୍ତି
ଲଭିବା କର୍ମର ଫଳ
ଅର୍ଜିବା ସୁଖ୍ୟାତି ।।୩।।

ଭେଦଭାବ ଦୂରପାଇଁ
ନେବାଟି ଶପଥ
କୁସୁମିତ ହୋଇଯିବ
ଆମ ଚଲାପଥ ।।୪।।

## କାଶତଣ୍ଡୀ (ଦୁଇ)




ଦୁଃଖପରେ ସୁଖ ଏକ
ଗତାନୁ ଗତିକ
ସୁଖପରେ ଦୁଃଖ କିନ୍ତୁ
ଯନ୍ତ୍ରଣା ଦାୟକ ।।୫।।

ଦୁଃଖର ସୁଖରେ ସର୍ବେ
ହେବା ଭାଗିଦାର
ସାଗରରେ ମିଶେ ଯେହ୍ନେ
ତଟିନୀର ନୀର ।।୬।।


ସୁନ୍ଦରୀ ରୂପ ଦର୍ଶନେ
ହଜି ଯାଅନାହିଁ
ଭୁଲନାହିଁ ଏ ଜୀବନ
ଅଟେ କ୍ଷଣସ୍ଥାୟୀ ।।୭।।

ଦିନେ ଏ ମର ଶରୀର
ମାଟିରେ ମିଶିବ
ହେଲେ ସେବା ଯଶ କୀର୍ତ୍ତି
ଜଗତେ ରହିବ ।।୮।।



ଅହଙ୍କାର ଗର୍ବ ସ୍ୱାର୍ଥ
କ୍ଷଣିକ ମାତର
ଖର୍ବ ହେବ ଧ୍ରୁବସତ୍ୟ
ଏ ଜୀବନ ନଶ୍ୱର ।।୯।।

କାଶତଣ୍ଡୀ ପରିହୁଅ
ଧବଳ ନିର୍ମଳ
ଲିଭିଯାଉ ହୃଦୟର
ଦୁଃଖ ଦାବାନଳ ।।୧୦।।




# ଅଠଚାଳିଶି

ଫୁଲକେତେ ଫୁଟିଅଛି
ଦେଖୁଛି ମରତେ
ଏମିତି ଫୁଲ କେ ଦେଖି
ଅଛ ଏ ଜଗତେ ? ।।୧।।

ଶଙ୍ଖ ଧବଳ ଶରୀର
ସୁ କୋମଳ ଅଙ୍ଗ
ଦେଖୁଥିଲେ ହୃଦ ହୃଦେ
ଖେଳଇ ତରଙ୍ଗ ।।୨।।

ସବୁରି ଅନ୍ତର ଛୁଏଁ
ତା' ଦିବ୍ୟ ମୂରତି
ମନ ମଧ୍ୟ ଭରିଅଛି
ମମତା ପିରତି ।।୩।।

ଭାବନାରେ ରହି ସଦା
ବିତଇ ଦିବସ
ସଥୀଥାଏ ଯେଉଁପୁରେ
ପଠାଏ ସନ୍ଦେଶ ।।୪।।




ସମୀର ନେଇଯାଏ ତା'
ଗୋପନ ବାରତା
ଗୋପନ ବାର୍ତ୍ତାରେ ଥାଏ
ମଧୁର ବନ୍ଧୁତା ।।୫।।

ଶାନ୍ତ ସଦାଳାପୀ ପାଇଁ
ସୁଖେ ଦିନ ବିତେ
ସୁଖ ଦୁଃଖ ଯାହାସବୁ
ଭାବୁଥାଏ ଚିତ୍ତେ ।।୬।।

ସାଥୀଟି ଏକାଗ୍ରଚିତ୍ତେ
ତାକୁ ଚାହିଁଥାଇ
ସେ ମୁଖରେ ଲାବଣ୍ୟର
ହାସ୍ୟ ଉପୁଜଇ ।।୭।।

ସେପରି ସାଥୀଟି କିଏ
ଦେବ ତାକୁ ଖୋଜି
ସନ୍ଦେହ ଘେରରେ ରହି
ହେଜୁଅଛି ଆଜି ।।୮।।



ମନକଥା ମନେରହେ
ନପାରଇ କହି
ସବୁକଥା ଜୀବନରେ
ହୁଏନାହିଁ ସହି ||୯||

ସ୍ଥିର ଚିତ୍ତେ ସ୍ମରେ ନିତି
ପୁରୁବ ବୃତ୍ତାନ୍ତ
ଚିନ୍ତାଗ୍ରସ୍ତ ମନତାର
ହୁଏ ହନ୍ତସନ୍ତ ||୧୦||

❖❖❖


# ଅଣଚାଶ

ରହିଯାଅ ରହିଯାଅ
ପରବେଶୀ ବନ୍ଧୁ
ରହିଛି ଅନତି ଦୂରେ
ପାଇଯିବ ସିନ୍ଧୁ ।।୧।।

ତାହାର କରାଳ ରୂପ
ମନେ ଦେବ ଭୀତି
ତଟଦେଶେ ଦେଖ ତା'ର
ଉଗ୍ରରୂପ ନିତି ।।୨।।

ଭୟଙ୍କର ରୂପ ଦେଖି
ନହୁଅ ଛାନିଆଁ
ଭିତର ବାହାର ଦେଖ
କିପରି ଦୁନିଆଁ ।।୩।।

ଜୀବଦିନେ ଚାଲିଯିବ
ବିଧିର ବିଧାନ
ଆଜିସବୁ ଯାହାଦେଖ
କାଲିକି ସପନ ।।୪।।




ସପନ ସାଗର ତୀରେ
ମନଯାଏ ଲାଖି
ଯାହାସବୁ ଘଟୁଅଛି
ନେତ୍ର ତା'ର ସାକ୍ଷୀ ।।୫।।

ଆଖିଠାରୁ ବଳିକିଏ
ଦିଏ ସତ୍ୟବାର୍ତ୍ତା
ଦୁନିଆରେ ସେହିଶକ୍ତି
ସବୁଠାରେ ଜିତା ।।୬।।

ତୁମ୍ଭେ ଆମ୍ଭେ ନୁହେଁ କେହି
ତାହାଠାରୁ ବଳି
ସେହି ଏକା ଦୁନିଆରେ
ସବୁପାରେ କଳି ।।୭।।

ଶିଖିଯାଅ ତାହାଠାରୁ
ସର୍ବେ ଦେଶବାସୀ
କାହୁଁ ଆସେ ତା'ର ବନ୍ଧୁ
ଦୂର ପରଦେଶୀ ।।୮।।



ପରଦେଶୀ ସେହି ବନ୍ଧୁ
ତା' ମନର ସାଥୀ
ଅନାବିଳ ମିଳନରେ
ଦିନଯାଏ ବିତି ।।୯।।

ମଧୁର ମିଳନେ ଥାଏ
ଭାବପୂର୍ଣ୍ଣ ପ୍ରୀତି
ମିଳନ ପାଇଁ ଦିଅଇ
ଅନ୍ତରେ ସ୍ୱୀକୃତି ।।୧୦।।

ପ୍ରଭୁପାଦେ ସାଥୀତା'ର
କରଇ ଗୁହାରି
କାଶତଣ୍ଡୀ ବଞ୍ଚିରହୁ
କାୟାକୁ ବିସ୍ତାରି ।।୧୧।।


❖❖❖

# ପଚାଶ

ପ୍ରଥମ ଦେଖା ତା'
ଶରତ ଋତୁରେ
ମେଘ ମୌସୁମୀ ପରେ
ଭିଜା ଶ୍ରାବଣରେ
ତନୁ କ୍ଷୟ ଦେଖି
ମନ ମୋର ଆଜି ଝୁରେ ।।୧।।


ସୁନ୍ଦର ରୂପକୁ
ଦେଖିଦେଲେ ଥରେ
ଦୁଃଖଯାଏ ମନୁଚାଲି
ପ୍ରକୃତିର ଏକି
ମଧୁର ସମ୍ପର୍କ
ମଧୁମୟ ହୁଏ ଖାଲି ।।୨।।

କେତେ କେତେ କବି
ରୂପ ତା'ର ଦେଖି
କବିତାରେ ଦେଲେ ଲେଖି
ତା' ଶୋଭା ବର୍ଣ୍ଣନା
ରୂପ ଅନୁପମା
ଦେଖି ମନଯାଏ ଲାଖି ।।୩।।



ସବୁ ଯୁଗରେ ତା'
ନାମ ରହିଅଛି
ଯୁଗ ଯୁଗ ଯାଏ ବିତି
ତା' ରୂପର ଶୋଭା
ହୁଏ ମନଲୋଭା
ଦେଖୁଥା'ନ୍ତି ଜନେ ନିତି ।।୪।।

କାଶତଣ୍ଡୀ ଆଜି
ଉଲ୍ଲସିତ ମନେ
ହେଜୁଅଛି ଅତୀତକୁ
ଭଲ ପାଇବାଟା
କେତେ ଯେ ଆନନ୍ଦ
ଭୁଲୁନାହିଁ ସୁଖ୍ୟାତିକୁ । ॥୫॥




# ଏକାବନ

ସବୁଜ ଶରତ
ଆସିଛି ଧରାକୁ
ପ୍ରକୃତିର ଆଦେଶରେ
ପଲ୍ଲୀର ପଥଟି
ଦିଶୁଥାଏ ତୋରା
ପ୍ରଭାତର ରବିକରେ ।।୧।।


ସୁନେଲି କିରଣ
ହୋଇ ବିଚ୍ଛୁରଣ
ପଡ଼େ କାଶତଣ୍ଡୀ ବଣେ
ବିରହୀ ରମଣୀ
ଝିଡ଼ିକି ଫାଙ୍କରେ
ଚାହିଁଥାଏ ଅନୁକ୍ଷଣେ ।।୨।।

ଇନ୍ଦ୍ରଧନୁର
ଶପତ ରଙ୍ଗରୁ
ଆଣିନାହିଁ କେଉଁ ରଙ୍ଗ
ଯେଉଁ ରଙ୍ଗେ ତା'ର
ଶୋଭାପାଉଥାଏ
ଧୋବଫରଫର ଅଙ୍ଗ ।।୩।।



ଅସରାଏ ମେଘ
କାହୁଁ ସେ ଆସିଲା
ଦୋହଲିଯାଏ ତା' ତନୁ
ପ୍ରତୀଚୀ ଗଗନେ
ଚକ୍ରବାଳେ ଦିଶେ
ସପ୍ତରଙ୍ଗୀ ଇନ୍ଦ୍ରଧନୁ ।।୪।।

❖❖❖




# ବାବନ

ଖୋଜି ପାଉନାହିଁ
ଖୋଜି ପାଉନାହିଁ
ଆଉ ନ ଦେଖୁଛି ନେତ୍ରେ
କାହିଁକିରେ ଦୂରେ
ବନେ ଫୁଟିଅଛୁ
ଦୁଃଖ ଦେଉ ସବୁ କ୍ଷେତ୍ରେ ।।୧।।

ତଥାପି ତୋହର
ରୂପ ଦେଖିବାକୁ
ଅନ୍ତରେ ଭରିଛି ଆଶା
ଖୋଜି ପାଉନାହିଁ
ଖୋଜି ପାଉନାହିଁ
ପଡ଼ିଛିକି ସମ ଦଶା ? ।।୨।।


ସେ ଖୋଜୁଛି ଆଜି
ମୁଁ ଯାଇଛି ହଜି
ଦେଖୁଅଛି ସେ ନୟନେ
କାହାପାଇଁ ଆଜି
ବସିଛି ମଉନେ
ନିଶାର୍ଦ୍ଧେ ଦେଖେ ସପନେ ।।୩।।



ଚିନ୍ତାମଗ୍ନେ ଆଜି
ବିନମ୍ର ନୟନେ
ଚାହିଁ ଦେଖୁଅଛି ସବୁ
ଯାଇ ମୁଁ ପାରୁନି
ଭେଟିବାକୁ ତାକୁ
ଜାଣିଛି ସେ ଅନୁଭବୁ ।।୪।।

କିଏ ସେ କାହିଁକି
ବ୍ୟକ୍ତ କରିଦିଏ
କବି ଚିନ୍ତନର ଭାବ
ମନରୁ ଲିଭେନା
ସ୍ୱପନର ଛବି
ଯେତେଦିନ ଯାଏ ଥିବ ।।୫।।

କାଶତଣ୍ଡୀ ଆଜି
ନିରବେ ନିଶ୍ଚଳେ
ଅତୀତକୁ ହେଜୁଥାଏ
ଲିଭୁନାହିଁ ସେହି
ଅଲିଭା ସ୍ମୃତିଟି
ହୃଦୟଟା ଦହିହୁଏ ।।୬।।




# ଟେପନ

ଯାହାକୁ ମୁଁ ଭଲପାଏ
ସେ ପାଏ ଯେ କେତେ
ଏ ଯାବତ ନିରୁପଣ
ହୋଇନାହିଁ ସେତେ ।।୧।।

ପଥେ ଯାଉଥିଲେ ମୋତେ
ଓଗାଳି ସେ ବସେ
ଝୁଣ୍ଟି ମୁଁ ପଡ଼ିଲେ ଦେଖି
ଖିଲି ଖିଲି ହସେ ।।୨।।

ଥଟ୍ଟାକରି ମୋତେ ଚାହେଁ
ମଥାକୁ ହଲାଇ
ଲାଜେ ମୁହିଁ ଛପିଯାଏ
ମୁଖକୁ ଲୁଚାଇ ।।୩।।

ପରିହାସ ଛଳେ ଥାଏ
ଅସୀମ ଉଲ୍ଲାସ
କଳନା ନାହିଁ ତାହାର
ସଦା ମୁଖେ ହସ ।।୪।।




ନୀଳ ଆକାଶରେ ଭାସେ
ସଫେଦ ବାଦଲ
ଶରତର ଆହ୍ୱାନରେ
ଫୁଟେ କାଶଫୁଲ ।।୫।।

ହୃଦେ ମୋର ଅଛି ସେହି
ବୋଲିବି କାହାକୁ
ଅଛପାତ ନାହିଁ ଏହା
ସାରା ରାଇଜକୁ ।।୬।।

ସ୍ମରୁଅଛି ଅତୀତକୁ
ହୁଏନାହିଁ ଭୁଲି
ତା'ର ମୋର ଏହିଭାବ
ନୁହେଁ ଆଜିକାଲି ।।୭।।

❖❖❖




# ଚଉବନ

ମୃଦୁମନ୍ଦ ସମୀରଣ
ଅପୂର୍ବ ତା' କାୟା
ଯାହାଦେଖି କବି ମନ
ହୁଅଇ ବାଇଆ ।।୧।।

ନୃତ୍ୟ ଶୈଳୀରେ ତା'ର
ଚକ୍ଷୁର ଚାଳନା
ଭାବୁକ ମନେ ଆଣଇ
ଅଶେଷ ଭାବନା ।।୨।।

ଦିବସ ସର୍ବରୀ ବିତେ
ଖୋଲା ନଭତଳେ
ଫେରି ଚାହାନ୍ତି ପଥିକ
ପଥେ ଯିବାବେଳେ ।।୩।।

ଏପରି ଦୃଶ୍ୟକୁ କିଏ
ନ ଦେଖିବ ନେତ୍ରେ
ପ୍ରକୃତିର ଦାନ ଏହା
ଦେଖ ସବୁକ୍ଷେତ୍ରେ ।।୪।।




ଗୁଳ୍ମଲତା ବୃକ୍ଷଆଦି
ସୃଷ୍ଟିର ପ୍ରତୀକ
ଜୀବଜଗତ ପ୍ରାଣୀର
ଏମାନେ ରକ୍ଷକ ।।୫।।

ଜଳ ସମ୍ପଦ ଆଦି
ନୁହଁଇ କାହାର
ନୟନେ ଦେଖ ନୀରକୁ
ସବୁ ପ୍ରକୃତିର ।।୬।।

ସାଗର ନଦୀ ନିର୍ଝର
ମୁକସାକ୍ଷୀ ତା'ର
ଦୃଶ୍ୟପଥେ ଯାହାଆସେ
ହେଜ ନିରନ୍ତର ।।୭।।

ପ୍ରକୃତି ଦେଇଛି ଖଞ୍ଜି
ଯେଉଁ ଗନ୍ତାଘର
ଆଶାତୀତ ଫଳମିଳେ
ଜୀବଜଗତର ।।୮।।




ପ୍ରକୃତିର ଧରମକୁ
ବିନା ପ୍ରତିରୋଧ
ବିପର୍ଯ୍ୟସ୍ତ ହେବ ଧରା
କଲେ ଅବରୋଧ ||୯||

ଦୂଷିତ ନକର ଜଳ
ହେ ମାନବ ଜାତି
ଜୀବସତ୍ତା ଲୋପହେବ
ହେବ ଅଧୋଗତି ||୧୦||

ହେଜୁନାହିଁ ଏ ମଣିଷ
ନାହିଁ ତା' ବିବେକ
ପଶୁଠାରୁ ହୀନ ଅଟେ
ତା' ଜୀବନ ଧିକ୍ ||୧୧||

ସତ୍ୟାନୁଶରଣେ ସଦା
ରହୁ ତୁମ ଲୟ
ଦୂର ହେବ ଅନାଚାର
ତ୍ୟାଗରେ କେବଳ ||୧୨||



ସୁପଥରେ ଗଲେ ଦିନେ
ସୁନାମ ଅର୍ଜିବ
ତବ ଯଶ କୀର୍ତ୍ତିମାନ
ଯୁଗ ଯୁଗ ଥିବ ||୧୩||

କାଶତଣ୍ଡୀ ପରି ହୁଅ
ସ୍ୱଚ୍ଛ ଓ ନିର୍ମଳ
ଧରାପୃଷ୍ଠେ ଝଲସିବ
ଯଶ କାଳ କାଳ ||୧୪||


❖❖❖

# ପଞ୍ଚାବନ

ସ୍ରଷ୍ଟାଙ୍କର ସୃଷ୍ଟି
ଥାଏ ନିର୍ଦ୍ଧାରିତ
କିଏ ଆସେ କେବେ ଯାଏ
ଏ ଧରାପୃଷ୍ଠକୁ
ଆସିଛନ୍ତି ଯିଏ
ରହିନାହାନ୍ତିଟି କିଏ ।।୧।।

କବି କାଳିଦାସ
ଦେଖି ତା'ର ବେଶ
ହୋଇଥିଲେ ଆତ୍ମହରା
ଋତୁ ସଂହାରରେ
ବର୍ଣ୍ଣିଗଲେ ରୂପ
ଯୁଗେ ଯୁଗେ ଅପାସୋରା ।।୨।।


କେତେ କେତେ ଶିଳ୍ପୀ
ତୂଳୀ ରଙ୍ଗ ନେଇ
ଆଙ୍କି ଦେଇଛନ୍ତି ଚିତ୍ର
ସେ ଚିତ୍ର ଭିତରେ
ଯାହା ଭରିଅଛି
ଖୋଜୁଥାଏ ଦିବା ରାତ୍ର ।।୩।।



ପାହାଡ଼ ଝୁରୁଛି
ଝୁରୁଛି ଝରଣା
ଝୁରୁଛନ୍ତି ତରୁବର
ତା' ରୂପର ଶୋଭା
ବର୍ଣ୍ଣୁଅଛି କବି
ଲେଖନୀ ମୁନରେ ତା'ର ।।୪।।

ଚାରିଯୁଗ ତା'ର
ନାମ ସୁବିଦିତ
ନଜାଣନ୍ତୁ ମୋତେ କେହି
ଧନ୍ୟ କାଶତଣ୍ଡୀ
ଧନ୍ୟ ତୋର ସ୍ଥିତି
ଯୁଗେ ଯୁଗେ ଥା' ରହି ।।୫।।

❖❖❖




# ଛପନ

ଦୂର ପାହାଡ଼ର ତଳେ
କେତେ ଯେ ନିର୍ଝର
କାଶଫୁଲ ଝୁଲୁଥାଏ
ସଦା ନିରନ୍ତର ।।୧।।

ପାହାଡ଼ ଫାଙ୍କରୁ ବହେ
ସୁଲୁ ସୁଲୁ ବାଆ
ଆଖିଠାରି ଡ଼ାକୁଥାଏ
ମୋ ପାଶକୁ ଆଆ।।୨।।

ମଧୁର ଡ଼ାକରେ ଥାଏ
ଅଭେଦ ପିରତି
ଝୁଲିବାର ଦୃଶ୍ୟ ତା'ର
ଦେଖୁଥାଏ ନିତି।।୩।।

ଅମାନିଆ ମନ ମୋର
କିଛି ବୁଝେ ନାହିଁ
ବୟସର ଦୋଷତାର
ସବୁ ଦେଖୁଥାଇ।।୪।।



କେଜାଣି କାହିଁକି ଆଜି
ମନ ମୋର ଝୁରେ
ଅଛି ସେତ ବହୁ ଦୂରେ
ଦରିଆ ସେ ପାରେ ।।୫।।


❖❖❖

# ସତାବନ

ଅନ୍ତରୀକ୍ଷେ ଯେତେ
ତାରାରେ କୁମର
ବରଷାର ଟୋପାପାଣି
ଶୈଶବର କ୍ରିଡ଼ା
କହରେ କୁମର
କିଏ ସେ ପାରିବ ଗଣି ।।୧ ।।

ରସାଳ ବୃକ୍ଷର
ପତର ଯେତେରେ
ଭୂପୃଷ୍ଠରେ ଯେତେ ଖଣି
ସାଗରରେ ଯେତେ
ମୀନରେ କୁମର
କିଏ ସେ ପାରିବ ଗଣି ।।୨ ।।

ତୁଠ ପଥରର
ସହଣି ଯେତେରେ
ମା' ହୃଦୟର ବାଣୀ
ସ୍ରୋତସ୍ୱିନୀ ବକ୍ଷେ
ସିକତା କଣିକା
କିଏ ସେ ପାରିବ ଗଣି ।।୩।।



ଅନନ୍ତ ଆକାଶେ
ନୀହାରିକା ଯେତେ
ସାଗରର ମୁକ୍ତାମଣି
ବାୟୁମଣ୍ଡଳର
ଧୂଳି କଣିକାକୁ
କିଏ ସେ ପାରିବ ଗଣି ।।୪।।

କାଶତଣ୍ଡୀ ଶୋଭା
ନିର୍ଝର ପାର୍ଶ୍ୱରେ
ଦରିଆର ବୁନ୍ଦାପାଣି
ସାଗରରେ ଯେତେ
ଢେଉରେ କୁମ୍ଭୀର
କିଏ ସେ ପାରିବ ଗଣି ।।୫।।

❖❖❖


# ଅଠାବନ

କାଶତଣ୍ଡୀ ଦେଖି ମୋତେ ଦେଉଛି ହସି
ପାରେ ନାହିଁ ତା, କବଲୁ ନ କହି ଖସି
ବୃକ୍ଷ ଉହାଡ଼ରେ ରହି ଡ଼ାକଇ ଠାରି
ଅପଲକ ନୟନେ, ମୁଁ ଚାହିଁଛି ଫେରି ।।୧।।

ଦିନା କେତେ ମୋ' ଠାରୁ ଥିଲା ଦୂରେଇ
ଭିନ୍ନ ହୋଇ ରହିଥିଲା ମୁହଁ ଫୁଲେଇ
ଆଣି ଦେବି ତା' ପାଇଁ ମୁଁ ରୂପା କୁଲେଇ
ଆଜି ତା'ର ମନକୁ ମୁଁ ଦେବି ଭୁଲେଇ ।।୨।।

କହିଦେବି ଆଜି ତାକୁ ମୋ ମନ କଥା
ଶୁଣିଥିବ ସିଏ ସବୁ ହଲାଇ ମଥା
ସମୀର ହାତେ ଦେଲାଟି ଗୋପନ ଚିଠି
ଚିଠିପଢ଼ି ଚାହିଁଦେଲି ପଛେ ଲେଉଟି ।।୩।।

ମନକଥା କହିଦେଇ ମୁରୁକି ହସେ
ସେ ହସେ, ପୁଲକ ଖେଳେ ନିଶି ଦିବସେ
ନିର୍ଜନ ରାତ୍ରରେ ମୁହିଁ ଦୂରେଇ ଯାଏ
ବିଷାଦ ମନରେ ମୋତେ ସେ ଚାହିଁଥାଏ ।।୪।।




ମନକଥା ମନେ ଭାବି ନିରବେ ରହେ
ମୁହଁ ମାଡ଼ି ଶୋଇବାର ଅତୀତ କହେ
ଅତୀତ କଥାକୁ କେବେ ଭୁଲି ହୁଏନା
ନିର୍ଜନ ରାତ୍ରରେ ଆସେ ଭିନ୍ନ ଭାବନା ।।୫।।

ଦୁନିଆରେ ହସକାନ୍ଦ ଲାଗିଛି ନିତି
ଦିବାନିଶି ତା'ର ପାଶେ ଯାଇଛି ବିତି
ମନେ ପଡୁଅଛି ମୋର ଅତୀତ କଥା
ଶୁଣି ପାରିଲେ ଲାଗଇ ଅଶେଷ ବ୍ୟଥା ।।୬।।

ମନର ଭାବକୁ କିଏ ଦେବ ଏଡ଼ାଇ
କଟିଯାଉ ଦିବାନିଶି ତା' ମୁଖ ଚାହିଁ
ସେ ସୁଖରେ ରହିଅଛି ଆନନ୍ଦ ପ୍ରୀତି
ବିତିଯାଉ ଆହ୍ଲାଦରେ ଦିବସ ରାତି ।।୭।।

❖❖❖




# ଅଣଷଠି

ସୂରୁଜ ଉଇଁଲେ ଦିଶେ
ଘନ କେଶ ମୋର
ଚଉପାଶେ ଘେରିଅଛି
ନୀହାର ଅପାର ।।୧।।

କୁହୁଡ଼ି ଢ଼ାଙ୍କିଛି ମୋର
ଦିଶୁନାହିଁ ଅଙ୍ଗ
ରବି କରେ ତନୁ ଦିଶେ
ଭିନ୍ନ ଏକ ରଙ୍ଗ ।।୨।।

ଚିହ୍ନୁନାହିଁ ସାଥୀ ମୋର
ଶରୀର ବିବର୍ଣ୍ଣ
କୁହେଳି ଚତୁରପାର୍ଶ୍ୱେ
ହୋଇଛି ଆଚ୍ଛନ୍ନ ।।୩।।

ନିମିଷେ ମାତ୍ରକେ ଯିବ
ତ୍ୱରିତ ଦୂରେଇ
ତପନ ତାପରେ ଯିବ
ଏଠାରୁ ଉଭେଇ ।।୪।।



ଆକର୍ଷିତ ତନୁ ମୋର
ହୋଇବ ଆଦର
ପାନ୍ଥଶାଳା ପଥଚାରୀ
କରିବେ ନିଜର ।।୫।।

କେହି ନୁହେଁ ପଥଚାରୀ
ସେ ପରା ମୋ ସହୀ
ସମର୍ପି ଅଛନ୍ତି ସବୁ
ପାଶେ ମୋର ରହି ।।୬।।

ଏପରି ବନ୍ଧୁଙ୍କୁ ହୃଦେ
ନଦେବ କେ ସ୍ଥାନ
ଚିନ୍ତାମଗ୍ନେ ସ୍ମରୁଅଛି
ଅସ୍ଥିର ଜୀବନ ।।୭।।

ମିଛ ମାୟା ସଂସାରରେ
ସବୁ କ୍ଷଣସ୍ଥାୟୀ
ଜନମ ଲଭିଲେ ଜୀବ
ଦିନେତ ମରଇ ।।୮।।

ଯାଉପଛେ ସବୁ ସରି
ସାଥୀ ସାଥେ ଥିବି
ଯିଏ ଯାହା କହୁପଛେ
ସବୁ ସମ୍ଭାଳିବି ।।୯।।


ସିଏ ମୋର ହିତାକାଂକ୍ଷୀ
ମୋର ପ୍ରାଣବନ୍ଧୁ
ପାରି ହୋଇବି କିପରି
ଏ ବିଶାଳ ସିନ୍ଧୁ ।।୧୦।।

ସହସା ଉଠଇ ପ୍ରଶ୍ନ
ଏ ଅନ୍ତରେ ଆଜି
ସେ ଅଛନ୍ତି ବହୁଦୂରେ
ପାଏ ନାହିଁ ଖୋଜି ।।୧୧।।

ମିଳିନାହିଁ ମିଳିବନି
ବସି ସ୍ମରେ ନିତି
ଯାହା ଯାଇଅଛି ତାହା
ନଫେରିବ କତି ।।୧୨।।

କାଶତଣ୍ଡୀ ହେଜୁଅଛି
ଅତୀତ ଘଟଣା
ଅଙ୍ଗେଲିଭା ଅନୁଭୂତି
ଦିଅଇ ଯନ୍ତ୍ରଣା ।।୧୩।।

❖❖❖



# ଷାଠିଏ

କାହୁଁ ଆସେ ଦୂରବନ୍ଧୁ
ପଚାରି ପଚାରି
ପାଏ ଦର୍ଶନ ଯାହାର
ସେ ଅଟେ ତାହାରି ।।୧।।

ଲାଜୁଆ ଚାହାଣି ତା'ର
ମଥାରେ ଓଢ଼ଣି
ମମତା ଡ଼ୋରିରେ ବାନ୍ଧି
ନେଉଅଛି ଟାଣି ।।୨।।

କି ଶକ୍ତି ନିହିତ ଅଛି
ମମତା ଡ଼ୋରିରେ
ମୁଖଠାଣି ବଦଳାଏ
ପ୍ରତି ମୁହୂର୍ତ୍ତରେ ।।୩।।


କେଉଁ ଦିବ୍ୟକାନ୍ତି ଲଭେ
ତପସ୍ୟାର ବଳେ
ସାଧନାର ଅନ୍ତନାହିଁ
ଅର୍ଜେ କର୍ମଫଳେ ।।୪।।

ଯେଉଁ ସାଧନାରେ ପାଏ
ଅଶେଷ ସମ୍ମାନ
କୃତାଞ୍ଜଳୀ ଫୁଟେ ତାଙ୍କୁ
କରଇ ଜଣାଣ ।।୫।।

ସୌନ୍ଦର୍ଯ୍ୟ ପିପାସୁ ସଦା
ଖୋଜୁଥାନ୍ତି ନିତି
ତା' ଶୁଭ ଆଗମନରେ
ଜାଳୁଥାନ୍ତି ବତି ।।୬।।

ମର୍ମସ୍ପର୍ଶୀ ହୃଦାକାଶ
ତଣ୍ଡୀର ଜୀବନ
ପୁଷ୍ପ ଉଦ୍ୟାନରେ ବସି
କରଇ ଆହ୍ୱାନ ।।୭।।

❖❖❖




# ଏକଷଠି

ଫୁଲ ଆସିଥିଲା ଫୁଲ ସବାରିରେ
ଫୁଲର ପସରା ନେଇ
ସେହି ଫୁଲଟିକୁ ଦେଖି ହେଲାନାହିଁ
କେଉଁଠି ଯାଇଛି ରହି ।।୧।।

ଜୋଛନା ରାତିରେ ଶୋଇଥିଲା ଯେବେ
ଆଲୋକର ପଲଙ୍କରେ
ସେହି ରୂପ ଶୋଭା ମନରେ ଆଙ୍କିଲା
ବିନା ରଙ୍ଗ ତୂଳିକାରେ ।।୨।।


ଧୋବ ଫରଫର ସୁନିର୍ମଳ ତନୁ
ଅଧରରେ ଦର ହସ
କରେ ଆକର୍ଷଣ କବିର ମନକୁ
ଉପମାକୁ ଉପହାସ ।।୩।।

ନୀଳ ଆକାଶର ଜହ୍ନ ଆଲୁଅରେ
ଅପରୂପ ଦିବ୍ୟଛବି
ଆକର୍ଷଣ ସଦା କରାଏ ମନକୁ
ଜାଣେ ସିନା ଅନୁଭବି ।।୪।।



କାଶତଣ୍ଡୀ ସର୍ବ ଜୀବନ ଜିଣଇ
ଭାବୁଅଛି ମନେ ମନେ
କାଲି ଥିଲି ସାଥେ ଆଜି ମଧ ଅଛି
ସ୍ମରୁଅଛି ଆଜ ଦିନେ ।।୫।।

❖❖❖



# ବାଷଠି

କାକତ କଳା ପିକତ କଳା
କଳା କଜଳପାତି
ଏମାନେ ସମସ୍ତେ ଗୁହାରି କରନ୍ତି
କାଶତଣ୍ଡୀ ପାଶେ ନିତି ।।୧।।

ଦେଇ ପାରିବୁନି ରୂପକୁ ତୋହର
ବର୍ଣ୍ଣ ହେବ ତୋହପରି
ହୀନ ରୂପ ହେବ ତୋପରି ଢ଼ଉଲ
ଜପୁଥିବୁ ନାମଧରି ।।୨।।

ନେହୁରା ହୋଇଣ କହୁଅଛୁ ଆମେ
ମୂର୍ଚ୍ଛି ଦେ ତୋ ରଙ୍ଗକାନ୍ତି
ଯାବତ ଜୀବନ ମନେ ରଖିଥିବୁ
ଘୋଷୁଥିବୁ ଶୋଭାବତୀ ।।୩।।

❖❖❖


# ତେଷଠି

ଏକତ୍ରିତ ହୁଅ ଆସି
ଏ ରଙ୍ଗ ମଞ୍ଚରେ
ଅଭିନୟ ସାରି ଯାଅ
ଉତଫୁଲ ଚିତ୍ତରେ ।।୧।।

ଗୋଟିଏ ମଞ୍ଚେ ଅଛନ୍ତି
ଯେତେ କଳାକାର
ସସମ୍ମାନ ଦିଅ ତାଙ୍କୁ
ପୁଷ୍ପ ଉପହାର ।।୨।।

ଅଭିନେତା ଅଭିନେତ୍ରୀ
ଏ ରଙ୍ଗ ମଞ୍ଚର
ପାଇବାକୁ ହକଦାର
ମୂଲ୍ୟ ଯେ ଯାହାର ।।୩।।

କାଶତଣ୍ଡୀ ପରିହୁଅ
ଶୁଭଶ୍ରୀ କୋମଳ
ଶୋଭେ ପାଉ ଗଳେ ତାଙ୍କ
ଲବ୍ଧ ପୁଷ୍ପମାଳ ।।୪।।



ରଞ୍ଜିତ ରଙ୍ଗ ମଞ୍ଚରେ
ତାଙ୍କ ଅଭିନୟ
କଳା ବଞ୍ଚିରହୁ ଚାହେଁ
କବିର ହୃଦୟ ||୫||

ସାରା ଜଗତ ଜାଣିବ
ତାଙ୍କ ପରିଚୟ
ଅଲୌକିକ କଳା ଜ୍ୟୋତି
ଜିଣୁଛି ହୃଦୟ ||୬||

❖❖❖

# ଚଉଷଠି

ମାତାମୁଖ ମୁହିଁ ଦେଖି ଦେଖିନାହିଁ
ଦିନବିତେ ସନ୍ତାପରେ
ଦୁଃଖକୁ ଆଦରି ମାଡ଼ିଚାଲେ ବାଟ
ଅବୁଝା ମନ ଭିତରେ ।।୧।।

ଦୁଃଖ ସୁଖ ଦୁହେଁ ପରସ୍ପର ବନ୍ଧା
ଏହି ମର୍ତ୍ତ୍ୟ ମଣ୍ଡଳରେ
ସୁଖର ଦିନଟି ମୋ ପାଇଁ ସପନ
ନୟନୁ ଲୋତକ ଝରେ ।।୨।।

ବଣ ପୋଡ଼ିଗଲେ ଦୁନିଆ ଜାଣନ୍ତି
ନାଶଯାନ୍ତି ଜନ୍ତୁ ସିନା
ମନ ପୋଡ଼ିଗଲେ ନଜାଣନ୍ତି କେହି
ଅନୁଭବୀ ଏକାବିନା ।।୩।।

ଆଜି ଯାହା ଦେଖ କାଲିକି ନଥିବ
ଯେତେ ମୁଣ୍ଡ ବାଡ଼େଇଲେ
ପ୍ରକୃତି ଧର୍ମକୁ ନ ଭୋଗିଛି କିଏ ?
ଯେତେ କହି, ବୁଝାଇଲେ ।।୪।।


ହେବକି ନହେବ ଇଚ୍ଛା ତା’ ପୂରଣ
ବିଧିର ବିଧାନ ଯାହା
ବସି ଭାବୁଥାଏ ନିରୋଳା ବେଳାରେ
କେହି ହୁଅନ୍ତା କି ସାହା ।।୫।।

ନୈରାଶ୍ୟ ଭିତରେ ବିତାଏଟି ଦିନ
ଶୋଇଥାଏ ମୁହଁମାଡ଼ି
ଆଶାରେ ଆଶାରେ ଦିନଯାଏ ବିତି
ଦୁଃଖ ଯାଉନାହିଁ ଛାଡ଼ି ।।୬।।

ଆଶାଟି ତାହାର ପୂରଣ ପାଇଁକି
ଆସିଛି ଏଠାକୁ ଧାଇଁ
ବିଭୁଙ୍କ ପୟରେ କରଇ ଗୁହାରି
ମା’ର ମମତା ପାଇଁ ।।୭।।

କାଶତଣ୍ଡୀ ଆଜି ବନ ଉପବନେ
ଖୋଜୁଥାଏ ତା’ର ସାଥୀ
ସାଥୀ ତା’ର ଆଜି ମାତା ଅନ୍ୱେଷଣେ
ବିତାଉଛି ଦିନରାତି ।।୮।।

❖❖❖




# ପଞ୍ଚଷଠି

ଅନ୍ଧାରେ ଆସଇ ଆଲୋକ ନଥାଇ
ଥରୁଥାଏ ତା'ର ଛାତି
ଘନ ଅନ୍ଧାରରେ ହୁଅଇ ଛାନିଆ
କିପରି ବିତିବ ରାତି ।।୧।।

ଧାରା ଶ୍ରାବଣର ଶୀତଳ ପବନ
ଗ୍ରୀଷ୍ମର ଯେଉଁ ତାତି
ମନେ ପଡୁଥାଏ ନିତିଦିନ ତା'ର
କିପରି ପାହିବ ରାତି ।।୨।।

ମରୁ ବାଲିସମ ବାଲୁକାପ୍ରାନ୍ତର
ଧିରେ ଆସୁଅଛି ତାତି
ତା' ତନୁ ତାତିରେ ଜଳି ପୋଡ଼ିଯାଏ
କିପରି ସରିବ ରାତି ।।୩।।

ଗାଢ଼ ତିମିରଟି ଛନକାଇ ଦିଏ
ହର୍ଷେ ବିତେ ଜହ୍ନ ରାତି
ଚାହିଁ ବସିଥାଏ ମନର ସାଥୀକୁ
ଗୁଣି ଗୁଣି ତା'ର ପ୍ରୀତି ।।୪।।



ଉଆଁସ ରାତ୍ରରେ ଜହ୍ନକି ମିଳିବ
ମନେ ଆସେ ତା'ର ଭୀତି
କାହାରି ମନରେ ଦିଏନାହିଁ ଦୁଃଖ
ଦୁଃଖ ପରେ ସୁଖ ରାତି ।।୫।।

ନିଆଶା ଦିଅଇ ମନେ ଯେଉଁ ଦୁଃଖ
ବ୍ୟକ୍ତ କରିପାରେ ନାହିଁ
ଦିବସ ଶର୍ବରୀ ଚାହିଁଥାଏ ବସି
ମନର ମଣିଷ ପାଇଁ ।।୬।।

ଆଶାରେ ଆଶାରେ ରହିଥାଏମନ
ଆଙ୍କୁଥାଏ ଛବି ନିତି
ଆସିବା ଦିନକୁ ଗଣୁଥାଏ ବସି
ଝୁରୁଥାଏ ରାତି ରାତି ।।୭।।

ମଧୁର ମିଳନ ହେବାରେ ଆଶାରେ
ରହିଛି ମଉନ ହୋଇ
ସମୟ କହିବ ତା'ର ଆଗମନ
ମନେ ମନେ ଚିନ୍ତୁଥାଇ ।।୮।।

## କାଶତଣ୍ଡୀ (ଦୁଇ)

ଚାଲିଯାଏ ଯାହା  ଲେଉଟି ଆସେନା
ଏହା ତା' ମନର କଥା
କିପରି କହିବ ଅନ୍ତର ବ୍ୟଥାକୁ
ନୁହଇ ଯାହା ଅନ୍ୟଥା  ।।୯।।

ସମୟ ସ୍ରୋତରେ ଯାଉଅଛି ଭାସି
ଜୀବନ ତରୀଟି ତା'ର
ରୋକି ହୁଏନାହିଁ ତାହାର ଗତିକୁ
ନାଉରିଆ ହୁଏ ପର  ।।୧୦।।

କାଶତଣ୍ଡୀ ଆଜି ଭାଳୁଅଛି ମନେ
ଅତୀତର ଇତିହାସ
ଦିନଯାଏ ଚାଲି ସ୍ମୃତି ରହେ ଖାଲି
ସାଥୀକରେ ଉପହାସ  ।।୧୧।।

ଚିହ୍ନି ପାରୁନାହିଁ ସାଥୀ ହୃଦୟକୁ
ଯାହା ହେଜୁଅଛି ମନେ
ସମୟ କହିବ ଉତ୍ତର ତାହାର
ଥାଇ ପାଶେ ସବୁଦିନେ  ।।୧୨।।

❖❖❖